### ବାଲିଅନ୍ତା ଥାନାର ନୂତନ ଆଇଆଇସିଙ୍କ ଯୋଗଦାନ

ବାଲିଅନ୍ତା,( ନୀଳମାଧବ ସାହୁ): ବାଲିଅନ୍ତା ଥାନାର ନୂତନ ଥାନା ଅଧିକାରୀ ରୂପେ ରବୀନ୍ଦ୍ରନାଥ ମେହେର ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ କଟକ ଜଗତପୁର ଥାନାରେ କାର୍ଯ୍ୟରତ ଥିଲେ। ନୂତନ ଆଇଆଇସି ମେହେରଙ୍କ ଯୋଗଦାନ ପରେ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ଥାନାରେ ପହଞ୍ଚି ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିବା ତାଙ୍କ ପାଇଁ ଏକ ମୁଖ୍ୟ ଚାଲେଞ୍ଜ ହେବ ବୋଲି ସେ କହିଥିଲେ।

## 'କଥା'ର ୩୭ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୪।୨(ଶର୍ମିଷ୍ଠା ପାଣିଗ୍ରାହୀ) – ଆମେ ବେଳେବେଳେ ଯୁବପ୍ରତିଭାଙ୍କ ଦକ୍ଷତାକୁ ଗୁରୁତ୍ୱ ଦେଇ ନ ଥାଉ। କିନ୍ତୁ ସେମାନେ ସମସ୍ତ ପ୍ରତିବନ୍ଧକକୁ ପାର ହେବାର ଏବଂ ଅସମ୍ଭବକୁ ସମ୍ଭବରେ ପରିଣତ କରିବାର ସ୍ୱପ୍ନ ଦେଖନ୍ତି। ନିଜ ଆଶାର ପରିପ୍ରକାଶ ସହ ଭବିଷ୍ୟତ ପାଇଁ ଚଲାପଥ ଉଜ୍ଜ୍ୱଳ କରୁଛନ୍ତି। ବୁଧବାର ସୂଚନା ଭବନଠାରେ ଗଳ୍ପ ପତ୍ରିକା 'କଥା'ର ୩୭ତମ ବାର୍ଷିକ ଉତ୍ସବ ଓ ନବପ୍ରତିଭା ପୁରସ୍କାର ପ୍ରଦାନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିନେତ୍ରୀ ତଥା ଲେଖିକା ଦୀପ୍ତି ନଭଲ ଏହା କହିଛନ୍ତି। ଉତ୍ସବରେ ମୁଖ୍ୟ ବକ୍ତା କଥାକାର ତରୁଣକାନ୍ତି ମିଶ୍ର, 'ସମ୍ବାଦ'ର ସମ୍ପାଦକ ତନୟା ପଟ୍ଟନାୟକ, ପରିଚାଳନା ନିର୍ଦ୍ଦେଶିକା ମୋନିକା ନାୟାର ପଟ୍ଟନାୟକ, 'କଥା'ର ସମ୍ପାଦକ ଗୌରହରି ଦାସ ଉପସ୍ଥିତ ଥିଲେ। ଏହି ଅବସରରେ 'କଥା ନବପ୍ରତିଭା ପ୍ରତିଯୋଗିତା-୨୦୨୩'ରେ କୃତୀ ୧୦ଜଣଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ସରୋଜିନୀ ଶଙ୍ଖୁଆ, ମନୋଜ କୁମାର କୁଣ୍ଡ, ଆର୍ଯ୍ୟ ବେଦାନ୍ତ, କୁମାର ଚନ୍ଦ୍ରମଣି, ଶିଶିର କୁମାର ପାଣିଗ୍ରାହୀ, ଜିନାତମାମ ଦର୍ଜୀ, ସୁରୋଜ ରୋଶନ ମିଶ୍ର, ଓମ ପ୍ରକାଶ ସେଠୀ, ସ୍ମୃତିକଳା ମହାନ୍ତି ଓ ଧରିତ୍ରୀ ପାଣିଗ୍ରାହୀ।

# ସରସ୍ୱତୀ ପୂଜା ମଧ୍ୟରେ ପ୍ରେମ ଦିବସ ପାଳନ

### ରିହାତିର ଫାଇଦା ନେଲେ

ଭାଲେଣ୍ଟାଇନ ଉଇକ ପାଇଁ ପ୍ରେମୀ ଯୁଗଳଙ୍କ ପାଇଁ ସବୁଠି ଆକର୍ଷଣୀୟ ରିହାତି ରହିଛି। ସେଲୁନ୍‌ଠୁ ନେଇ ବଡ଼ ବଡ଼ ମଲ୍, ରେଷ୍ଟୁରାଣ୍ଟରେ ଭଲ ରିହାତି ରହିଛି। ଆଉ ଏହାର ଭରପୂର ଫାଇଦା ମଧ୍ୟ ଉଠାଇଛନ୍ତି ପ୍ରେମୀଯୁଗଳ। ପରସ୍ପରକୁ ଗିଫ୍ଟ ଦେବା ପାଇଁ ମଲ୍ ଯାଇ ଶପିଂ କରିଛନ୍ତି।

### ମନ୍ଦିରରେ ଗହଳି

ସରସ୍ୱତୀ ପୂଜା ଉପଲକ୍ଷେ ସମସ୍ତେ ପ୍ରାୟ ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଏକା ସାଙ୍ଗରେ ଶିକ୍ଷାନୁଷ୍ଠାନରେ ବିତାଇଛନ୍ତି। କୋଚିଂଠୁ ନେଇ କଲେଜ, ବିଶ୍ୱବିଦ୍ୟାଳୟରେ ଯୁବପିଢ଼ିଙ୍କୁ ଆଧାତ୍ମିକ ପୋଷାକ ପରିଧାନ କରିଥିବା ଦେଖିବାକୁ ମିଳିଥିଲା। ପୁଅମାନେ କୁର୍ତ୍ତା, ଝିଅମାନେ ସାଲୱାର୍, ଲଙ୍ଗ୍ ଡ୍ରେସ, କୁର୍ତ୍ତି ପିନ୍ଧିଥିଲେ। ଅନେକେ ମଧ୍ୟ ମନ୍ଦିର ଯାଇ ମା' ସରସ୍ୱତୀଙ୍କୁ ଆରାଧନା କରିଥିଲେ। ସନ୍ଧ୍ୟା ସମୟରେ ମଧ୍ୟ ମନ୍ଦିର ପ୍ରାଙ୍ଗଣରେ ବସି ଅନେକଙ୍କୁ ଗପସପ କରୁଥିବାର ଦେଖିବାକୁ ମିଳିଥିଲା।

*ଭୁବନେଶ୍ୱର,୧୪।୨(ଶର୍ମିଷ୍ଠା ପାଣିଗ୍ରାହୀ)– ପରସ୍ପର ଭିତରେ ଭଲପାଇବା ବାଣ୍ଟିବାର ସୁଯୋଗ ଆଣେ ପ୍ରେମ ସପ୍ତାହ। ରୋଜ ଡେ'ଠୁ ନେଇ ଭାଲେଣ୍ଟାଇନ୍ ଡେ' ପର୍ଯ୍ୟନ୍ତ ନିଜର ପାର୍ଟନର୍‌କୁ ମିଠା ମିଠା ସ୍ମୃତି ଭେଟି ଦେବାକୁ ଏହି ସପ୍ତାହ ସ୍ୱତନ୍ତ୍ର ହୋଇଥାଏ। ବୁଧବାର ଗୋଟିଏ ଦିନରେ ସରସ୍ୱତୀ ପୂଜା ସହ ଭାଲେଣ୍ଟାଇନ୍ ଡେ' ବା ପ୍ରେମ ଦିବସ ପଡ଼ିଥିଲା। ତେଣୁ ଅନେକ ସ୍ଥାନରେ ଏହାକୁ ଏକାଠି ପାଳନ କରିଛନ୍ତି ଯୁବପିଢ଼ି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମନ୍ଦିରଗୁଡ଼ିକରେ ପ୍ରେମୀଯୁଗଳଙ୍କୁ ଦେଖିବାକୁ ମିଳିଥିଲା। ଏପରି କି ଅନେକେ ମଧ୍ୟ ପାର୍କରେ ବସି ସମୟ ବିତାଇଥିଲେ। ଆଉ କେହି କେହି ରେଷ୍ଟୁରାଣ୍ଟରେ ଖାଦ୍ୟ ଖାଇ ମଜା ନେଇଥିଲେ।*


ଭାଲେଣ୍ଟାଇନ୍ ଡେ' ପାଇଁ ଏସ୍‌ପ୍ଲାନେଡ୍ ମଲ୍‌ରେ ସାଜସଜ୍ଜା।

### ଆକର୍ଷଣୀୟ ସାଜସଜ୍ଜା ସହ କ୍ୟାଣ୍ଡେଲ ଲାଇଟ୍ ଡିନର

ମୁଣ୍ଡ ଉପରେ ଲାଗିଛି ହାର୍ଟ ସେପ୍‌ର ବେଲୁନ୍। ନାଲି, ନେଳି ଲାଇଟ୍ ସହ ସଜେଇ ହୋଇଛି କୋଠରି। ଦୁଇଟି ଚେୟାର୍‌ରେ ବସି ଟେବୁଲ୍ ଉପରେ ପରସ୍ପରର ହାତ ଧରି ନିଜର ପ୍ରେମକୁ ବ୍ୟକ୍ତ କରିଛନ୍ତି ପ୍ରେମୀ ଯୁଗଳ। କ୍ୟାଣ୍ଡେଲ ଲାଇଟ୍‌ରେ ସୁନ୍ଦର ଭାବେ ସଜା ହୋଇଛି ଟେବୁଲ୍। ଗୋଲାପ ଫୁଲର ସ୍ପର୍ଶ ସହ ପରସ୍ପରକୁ ଭଲପାଇବା ଅଜାଡ଼ି ଦେବାର ଏହି ସମୟକୁ ସ୍ୱତନ୍ତ୍ର କରିବା ପାଇଁ ରେଷ୍ଟୁରାଣ୍ଟରେ ପ୍ରେମୀ ଯୁଗଳଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସାଜସଜ୍ଜା କରାଯାଇଥିଲା।

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ବାଲିପାଟଣା,୧୪।୨(ଅଭିମନ୍ୟୁ ନାୟକ): ପମ୍ପାଲୋ ଗ୍ରାମପଞ୍ଚାୟତ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶାର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବାହାନ ଭୋଇ ଏଥିରେ ଅଧକ୍ଷତା କରିଥିଲେ। ଅତିଥି ଭାବେ ବ୍ଲକ ଅଧକ୍ଷା ହରପ୍ରିୟା ଦାସ, ଯୋଗାଣ ଅଧିକାରୀ ନେତ୍ରାନନ୍ଦ ବେହେରା, ଜିଲା ପରିଷଦ ସଭ୍ୟ ପବିତ୍ର ପଟେଲ, ଗଙ୍ଗାଧର ମଲ୍ଲିକ, ଆତ୍ମା ଚେୟାରମ୍ୟାନ ଶରତ ତ୍ରିପାଠୀ, ବିପିଏମ୍ ରାଜଲକ୍ଷ୍ମୀ ପଣ୍ଡା, ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ଦାସ, ସରପଞ୍ଚ ସୋମନାଥ ଖଟେଇ, ମିଶନ ଶକ୍ତି ଜିଲା ସଭାପତି ପଦ୍ମିନୀ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଙ୍କୀର୍ତ୍ତନ, ଘୋଡ଼ାନାଚ, ଲିଙ୍ଗରାଜ ବାରିକ୍‌ଙ୍କ ଗୋଟିପୁଅ ନୃତ୍ୟ ଓ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପଞ୍ଚାୟତସ୍ତରରେ କାର୍ଯ୍ୟରତ ୱାର୍ଡ଼ ସଭ୍ୟ, ଅଙ୍ଗନୱାଡି, ଆଶା, ପାନୀୟ ଜଳ ଇତ୍ୟାଦି କର୍ମୀଙ୍କ ସହିତ କାର୍ଯ୍ୟାଳୟ କର୍ମକର୍ତ୍ତା ସମ୍ବର୍ଦ୍ଧିତ ହୋଇଥିଲେ। ବିକାଶର ଚିତ୍ର ସମ୍ମିଳିତ ଏକ ପୁସ୍ତିକା ଅତିଥିମାନେ ଉନ୍ମୋଚନ କରିଥିଲେ। ସ୍ୱତନ୍ତ୍ର ଭାବେ ଓଡ଼ିଆ ସାହିତ୍ୟର ବିକାଶ ପାଇଁ ହୋଇଥିବା ତର୍କ ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ ହୋଇଥିଲେ।

## 'ମତଦାତା ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବା ଆବଶ୍ୟକ'




ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)– କ୍ୟାପିଟାଲ ହାଇସ୍କୁଲ ୧୯୭୦ ବ୍ୟାଚ୍ ପୁରାତନ ଛାତ୍ର ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ସନ୍ତୋଷ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସଂଘ ଆବାହକ ପ୍ରଦୀପ କୁମାର ବଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ମତଦାତାମାନେ ସଚେତନ ହୋଇ ଦଳମତ ନିର୍ବିଶେଷରେ ଉପଯୁକ୍ତ ଓ ଭଲ ପ୍ରାର୍ଥୀଙ୍କୁ ଭୋଟ ଦେବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ପୁରାତନ ଛାତ୍ର ଅମ୍ବୁଜ ମିଶ୍ର, ଆଶିଷ ରଥ, ଦୀପକ ପ୍ରଧାନ, ଭଗବାନ ଦାସ, ଚିତ୍ତରଞ୍ଜନ ମିଶ୍ର, ନଟବର ସାମନ୍ତରାୟ, ପ୍ରଫୁଲ୍ଲ ବିଶୋଇ, ରବୀନ୍ଦ୍ର ରାଉତରାୟ, ସୁଧାଂଶୁ ପଟ୍ଟନାୟକ, ଶିଶିର ପୃଷ୍ଟି, ଦିବ୍ୟଜ୍ୟୋତି ବସୁ, ନବ ବଳ, ପ୍ରମୋଦ କୁମାର ପଟ୍ଟନାୟକ, ନିରଞ୍ଜନ ମହାପାତ୍ର ଓ ଗୁରୁକଲ୍ୟାଣ ମହାପାତ୍ର ପ୍ରମୁଖ ଯୋଗଦେଇ ଭାବବିନିମୟ କରିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ମାତାପିତାଙ୍କ ଉପଦେଶ ମାନିବାକୁ ପରାମର୍ଶ

ବାଲିଅନ୍ତା,୧୪।୨(ନୀଳମାଧବ ସାହୁ): ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରରେ ବୁଧବାର ମାତୃପିତୃ ଦିବସ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ର ସେମାନଙ୍କ ମାତାପିତାଙ୍କୁ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆ ଏଥିରେ ଅଧକ୍ଷତା କରିଥିଲେ। ଉତ୍ସବରେ ପ୍ରଧାନ ଆଚାର୍ଯ୍ୟା ଜୟଶ୍ରୀ ମହାପାତ୍ରଙ୍କ ସମେତ ସମସ୍ତ ଗରୁମା ଗୁରୁଜୀ ଉପସ୍ଥିତ ଥିଲେ। ମାତା ପିତା ହେଉଛନ୍ତି ସାକ୍ଷାତ ଚଳନ୍ତି ଦେବୀ ଓ ଦେବତା ସେମାନଙ୍କ ଆଶୀର୍ବାଦ ବିନା ଛାତ୍ରୀଛାତ୍ର ଭବିଷ୍ୟତରେ ଭଲ ମଣିଷ ଓ ସୁପ୍ରତିଷ୍ଠିତ ବ୍ୟକ୍ତି ହୋଇପାରିବେ ନାହିଁ। ତେଣୁ ମାତାପିତାଙ୍କ ଉପଦେଶ ମାନିବାକୁ ପ୍ରତିଷ୍ଠାତା ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟା ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

# ଆସିଲେଣି ସାଧୁସନ୍ଥ, ସରିଲାଣି ପ୍ରସ୍ତୁତି

ଭୁବନେଶ୍ୱର,୧୪।୨
(ଅନୁରାଧା ମହାରଣା)

### ୧୬ରୁ ଖଣ୍ଡଗିରି କୁମ୍ଭମେଳା

■୧୮ରୁ ୨୯ ପର୍ଯ୍ୟନ୍ତ ଯାତ୍ରା ମହାସମର

■ମିନାବଜାରରେ ରହିବ ୩୬୦ ଷ୍ଟଲ୍

ପ୍ରସିଦ୍ଧ ଖଣ୍ଡଗିରି ମାଘମେଳା ବା କୁମ୍ଭମେଳା ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ସାରା ଦେଶରୁ ସାଧୁସନ୍ଥଙ୍କ ଆଗମନ ଆରମ୍ଭ ହୋଇଛି। ୨୫ ତାରିଖ ପର୍ଯ୍ୟନ୍ତ ଐତିହ୍ୟ ଖଣ୍ଡଗିରି ପାହାଡ଼ ଓ ଏହାର ପାଦଦେଶରେ ହୋମଯଜ୍ଞ ସହ ଆଧାତ୍ମିକ କାର୍ଯ୍ୟକ୍ରମ ଚାଲିବ। ଏଥିସହ ୧୮ରୁ ୨୯ ତାରିଖ ପର୍ଯ୍ୟନ୍ତ ଯାତ୍ରା ମହାସମରରେ ବିଭିନ୍ନ ଅପେରା ପାର୍ଟି ଲୋକଙ୍କୁ ମନୋରଞ୍ଜନ କରିବେ। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି। ଯାତ୍ରା ଓ ମିନାବଜାର ଦୋକାନ ପାଇଁ ପ୍ରାୟ ୫ଶହ ଆବେଦନ ଆସିଥିବାବେଳେ ଚଳିତବର୍ଷ ପ୍ରାୟ ୩୬୦ଟି ଷ୍ଟଲ୍‌କୁ ଅନୁମତି ମିଳିବ। ମେଳା ଚାରିପଟେ ବିଭିନ୍ନ ସ୍ଥାନରେ ପାର୍କିଂ ବ୍ୟବସ୍ଥା ହୋଇଛି। ଖୋର୍ଦ୍ଧା ପଟୁ କୋଲଥିଆ ଛକଠାରୁ ଖଣ୍ଡଗିରିଛକ ପର୍ଯ୍ୟନ୍ତ ବ୍ରିଜ୍‌ତଳେ, ବରମୁଣ୍ଡା ପଟୁ ପ୍ରାଚୀ ରିସର୍ଟଠାରୁ ଖଣ୍ଡଗିରି ଥାନା ପର୍ଯ୍ୟନ୍ତ, ଜାଗମରା ପଟୁ ସୋଆ କାର୍ଯ୍ୟାଳୟଠାରୁ ହାଉସିଂ ବୋର୍ଡ ନିର୍ମାଣ ପରିସର ଏବଂ ଖାରବେଳ ପାର୍କ ନିକଟରେ ଦେୟଯୁକ୍ତ ପାର୍କିଂ ବ୍ୟବସ୍ଥା କରାଯାଇଛି। ସେହିପରି ଜୟଦେବବାଟିକା ପଟୁ ଓଏସ୍‌ଆର୍‌ଟିସି ଷ୍ଟାଣ୍ଡ୍‌ରେ ଲୋକେ ବିନା ଦେୟରେ ଗାଡି ରଖିପାରିବେ। ତେବେ ଚୟନ ହୋଇଥିବା ସଂସ୍ଥା ଜରିଆରେ ଏହିସବୁ ସେବା ଯୋଗାଇ ଦିଆଯିବ। ପାର୍କିଂ ଦେୟ ପ୍ରଥମ ଦୁଇଘଣ୍ଟାକୁ ଦୁଇଚକିଆ ପାଇଁ ୧୦ଟଙ୍କା ଏବଂ ଚାରିଚକିଆ ପାଇଁ ୨୦ଟଙ୍କା ରହିଛି। ଗାଡି ପ୍ରବେଶଠାରୁ ପ୍ରସ୍ଥାନ ସମୟ ପର୍ଯ୍ୟନ୍ତ ଏହାର ସ୍ୱତନ୍ତ୍ର ଦର ରହିଛି। ଏହି ସୂଚନା ପାର୍କିଂ ସ୍ଥଳରେ ପ୍ରଦର୍ଶିତ କରାଯିବ। ମେଳାରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ଅସ୍ଥାୟୀ ଷ୍ଟଲ୍ ପ୍ରଦାନ କରିବା ଏବଂ ସେମାନଙ୍କଠାରୁ ଲାଇସେନ୍ସ ଫି ଆଦାୟ କରିବା, ଯାତ୍ରା ପାର୍ଟି ମାଲିକ ଓ ମେଳା ବ୍ୟବସାୟୀଙ୍କଠାରୁ ରାଜସ୍ୱ ଆଦାୟ କରିବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶୃଙ୍ଖଳିତ ଯାତ୍ରା ପରିଚାଳନା, ଦର୍ଶକଙ୍କ ପାଇଁ ପାଣି, ଅସ୍ଥାୟୀ ଶୌଚାଳୟ, ପରିମଳ, ସାମାଜିକ ଅଶ୍ଳୀଳତାକୁ ଯାତ୍ରାରେ ସ୍ଥାନ ନ ଦେବା ଆଦି ବାବଦରେ ଆୟୋଜକମାନଙ୍କୁ ସତର୍କ କରାଯାଇଛି। ଏହାସହ ଜାଗମରାରୁ ଅନନ୍ତକେଶରୀଙ୍କ ଯାତ୍ରା ସମୟରେ ଉତ୍ତମ ଆଲୋକୀକରଣ ପାଇ ନିର୍ଦ୍ଦେଶ ଦିଆଯାଇଛି। ବିଏମ୍‌ସି ପକ୍ଷରୁ ମେଳାଞ୍ଚଳକୁ ଦିନକୁ ତିନିଥର ସଫେଇ କରାଯିବ। ପୋଲିସ ପ୍ରଶାସନ, ବିଦ୍ୟୁତ୍ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ସଂଯୁକ୍ତ ବିଭାଗ ଏବଂ ସ୍ଥାନୀୟ କର୍ପୋରେଟର ଓ ଅଞ୍ଚଳବାସୀଙ୍କ ସହଯୋଗରେ ମେଳା ପରିଚାଳନା କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଏନେଇ ବୁଧବାର କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁଙ୍କ ନେତୃତ୍ୱରେ ଟିମ୍ ବିଏମ୍‌ସି ଏବଂ ସଂଯୁକ୍ତ ବିଭାଗର ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ପାର୍କିଂ, ଷ୍ଟଲ୍ ପ୍ଲାନିଂ, ପରିମଳ, ସୂଚନା ପ୍ରଦାନ, ସାଧୁସନ୍ଥଙ୍କ ପାଇଁ ଆଲୋକ, ପାଣି ବ୍ୟବସ୍ଥା, ଜବରଦଖଲ ଏବଂ ଯାଯାବରଙ୍କୁ ଉଠାଇବା ସହ ଅନ୍ୟାନ୍ୟ ସୁବିଧାର ସମୀକ୍ଷା କରିଥିଲେ। ଦକ୍ଷିଣ-ପୂର୍ବ ଜୋନ୍‌ର ଡେପୁଟି କମିଶନର ରୋଶନ ଶତପଥୀ ଏହି କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ବିଦ୍ୟାଦାତ୍ରୀଙ୍କ ୮ ଫୁଟ ଉଚ୍ଚର ଶାମୁକାମୂର୍ତ୍ତି



ପୁରୁଣା ଭୁବନେଶ୍ୱର,୧୪।୨
(ସୁବାସ ଚନ୍ଦ୍ର ପ୍ରଧାନ)

ଧଉଳିଠାରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଶିଳ୍ପୀ ଚନ୍ଦନ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ବାକ୍‌ଦେବୀ ସରସ୍ୱତୀଙ୍କ ୮ ଫୁଟ ଉଚ୍ଚର ଶାମୁକା ମୂର୍ତ୍ତି ପ୍ରସ୍ତୁତ କରାଯାଇଛି। ଏଥିରେ ଶଶିକାନ୍ତ ବେହେରା, ସୋନାଲି ନାୟକ, ସୋନାଲି ବିଶ୍ୱାଳ, ଲିପ୍ସା ପ୍ରଧାନ, ବୃନ୍ଦାବନ ପଣ୍ଡା, ଶିବ ମଣ୍ଡଳ, ଅସିତ ଭୋଇ, ପ୍ରକାଶ ପରିଡା, ହିମାଂଶୁ ମହାରଣା, ରୋମିଓ ନିଶାନ୍ତ ପ୍ରମୁଖ ୧୦ଜଣ ଛାତ୍ରୀଛାତ୍ର ସାହାଯ୍ୟ କରିଥିଲେ। ମୂର୍ତ୍ତି ପ୍ରସ୍ତୁତି ପାଇଁ ୩୦ କିଲୋ ଶାମୁକା, ୩ ବସ୍ତା ନଡ଼ିଆ ସଢ଼େଇର ବ୍ୟବହାର କରାଯାଇଥିଲା। ଏହି ମୂର୍ତ୍ତି ଗଢିବାକୁ ଶିଳ୍ପୀଙ୍କୁ ଏହି ୧୫ ଦିନ ସମୟ ଲାଗିଥିଲା।

### ବାଗ୍‌ଦେବୀଙ୍କୁ ଆରାଧନା


ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକଠାରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା।


ବଡଗଡ ସରସ୍ୱତୀ ଶିଶୁ ମନ୍ଦିରରେ ସରସ୍ୱତୀ ପୂଜା।


ଅଲ ନ୍ୟୁଜ୍ ପେପର ସପ୍ଲାୟର୍ସ ଆସୋସିଏଶନ ପକ୍ଷରୁ ୟୁନିଟ୍-୮ ଠାରେ ମା'ଙ୍କୁ ଆରାଧନା।


ୟୁନିଟ୍-୮ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର।


ରସୁଲଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର।


ଜୟଦେବବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସରସ୍ୱତୀ ପୂଜା।

## ସଂକ୍ଷେପରେ

### ବ୍ରାଉନ୍‌ସୁଗାର ଜବତ, ଅଭିଯୁକ୍ତ ଗିରଫ



କଟକ,୧୪।୨ (କାର୍ତ୍ତିକ ସାହୁ)

ବ୍ରାଉନ୍‌ସୁଗାର କାରବାର ଅଭିଯୋଗରେ ମାଲଗୋଦାମ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ପୁର ଥାନା ଅନ୍ତର୍ଗତ ମଙ୍ଗଳସାହିର ଟିଁକି ଓରଫ ପ୍ରଶାନ୍ତ ବାରିକ (୪୭)। ତାଙ୍କଠାରୁ ୨୬୧ ଗ୍ରାମ୍ ବ୍ରାଉନ୍‌ସୁଗାର, ୧୧୪୦ ଟଙ୍କା ଓ ଦୁଇଟି ମୋବାଇଲ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୩୮/୨୪) ରୁଜୁ ହୋଇଛି। ମହାନଦୀ କୂଳ ଅଞ୍ଚଳରେ ଅଭିଯୁକ୍ତ ଜଣଙ୍କ ବ୍ରାଉନ୍‌ସୁଗାର ବିକ୍ରି କରିବା ପାଇଁ ଛିଡା ହୋଇଥିବାବେଳେ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କ ନାମରେ ଭୁବନେଶ୍ୱର, ବାଲେଶ୍ୱର, କଟକର ବିଭିନ୍ନ ଥାନାରେ ୭ଟି ମାମଲା ରହିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ଫୁଲନଖରା,୧୪।୨ (ସତ୍ୟରଞ୍ଜନ ଦାସମହାପାତ୍ର)

ପାହାଳ ଥାନା ଅନ୍ତର୍ଗତ ଜଗନ୍ନଜୟପୁର ଗ୍ରାମର ଧର୍ମପରାୟଣା ମହିଳା ଉଷା ମଲ୍ଲିକଙ୍କ ବୁଧବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଦାମୋଦର ମଲ୍ଲିକ, ପୀତାମ୍ବର ମଲ୍ଲିକ, ସଂଗ୍ରାମ ମଲ୍ଲିକ, ଚିତ୍ତରଞ୍ଜନ ମଲ୍ଲିକ, ନୀଳମଣି ମଲ୍ଲିକ ଓ ପୁତ୍ରବଧୂମାନଙ୍କ ସହ ଝିଅ ସଂଯୁକ୍ତା ମଲ୍ଲିକ, ନାତି ହିମାଂଶୁ ମଲ୍ଲିକ, ବିଶ୍ୱଜିତ୍ ମଲ୍ଲିକ, ସୁଧାଂଶୁ ଶେଖର ମଲ୍ଲିକ, ରାଜେନ୍ଦ୍ର ମଲ୍ଲିକ ଓ ସତ୍ୟଜିତ ମଲ୍ଲିକ ଉପସ୍ଥିତ ଥିଲେ। ତାଙ୍କର ମରଶରୀରକୁ ଗ୍ରାମ ପରିକ୍ରମା କରି କଟକ ଖାନ୍‌ନଗରସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ଦାମୋଦର ମଲ୍ଲିକ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଉଷା ଜଣେ ମିଷ୍ଟଭାଷୀ, ପରୋପକାରୀ, ମେଳାପି ଓ ଧର୍ମପରାୟଣା ମହିଳା ଥିଲେ।



# ନିର୍ଯାତିତ ଶିଶୁଙ୍କ ସୁରକ୍ଷା ନ୍ୟାୟିକ ବ୍ୟବସ୍ଥାର ବଡ଼ ଆହ୍ୱାନ

କଟକ,୧୪।୨ (କାର୍ତ୍ତିକ ସାହୁ)

**ଏନ୍‌ଏଲ୍‌ୟୁ ପକ୍ଷରୁ ଅନ୍ତର୍ଜାତୀୟ ସମ୍ମିଳନୀ**

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନ୍‌ଏଲ୍‌ୟୁ) ପକ୍ଷରୁ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଭୁବନେଶ୍ୱରସ୍ଥିତ ହୋଟେଲ ସ୍ୱସ୍ତି ପ୍ରିମିୟମ୍‌ର ଚାଣକ୍ୟ ହଲ୍‌ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଯୋଗଦେଇ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ଶିଶୁମାନେ ନିର୍ଯାତିତ ଓ ଶୋଷିତ ହେଉଛନ୍ତି। ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବା ନ୍ୟାୟିକ ବ୍ୟବସ୍ଥାର ଏକ ପ୍ରମୁଖ ଆହ୍ୱାନ। ଶିଶୁ ଅଧିକାର ସୁରକ୍ଷା ଆଇନ ବିଶ୍ୱରେ ସମଭାବେ ସ୍ୱୀକୃତ ବୋଲି ମୁଖ୍ୟ ବିଚାରପତି କହିଛନ୍ତି। ଏହି ସମ୍ମିଳନୀରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ମଦନ ଲୋକୁର, ଓଏସ୍‌ସିପିସିଆର୍ ଅଧକ୍ଷା ମନ୍ଦାକିନୀ କର, ୟୁନିସେଫ୍‌ର ମୁଖ୍ୟ କ୍ଷେତ୍ର ଅଧିକାରୀ ଉଇଲିୟମ୍ ହାନ୍‌ଲନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ୨୪ଟି ଦେଶରୁ ୮୦ ଜଣ ପ୍ରତିନିଧି ଯୋଗଦେଇ ଶିଶୁ ଅଧିକାର ସଂକ୍ରାନ୍ତୀୟ ସମସ୍ୟା ଉପରେ ଆଲୋଚନା କରିଥିଲେ। ଉନ୍ନତମାନର ଶିଶୁ କଲ୍ୟାଣ ନିମନ୍ତେ ଆନ୍ତର୍ଜାତିକ ସହଭାଗିତା ଦିଗରେ ଓଡ଼ିଶାରେ ପ୍ରଥମ ଥର ପାଇଁ ଏଭଳି ସମ୍ମିଳନୀ ଆୟୋଜିତ ହୋଇଛି। ସମ୍ମିଳନୀ ଉଦ୍‌ଘାଟନ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବେଦ କୁମାରୀ ଓ ପ୍ରଫେସର ବିରଜ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଶିଶୁ ଅଧିକାର ସମସ୍ୟା ସଂକ୍ରାନ୍ତରେ ବିଭିନ୍ନ ଖବରକାଗଜରେ ପ୍ରକାଶିତ ଖବରଗୁଡ଼ିକୁ ନେଇ ଏକ ଗବେଷଣାତ୍ମକ ଉପସ୍ଥାପନା କରାଯାଇଥିଲା। ଏଥିସହ ୟୁନିସେଫ୍‌ର ଗଣମାଧ୍ୟମ ନିୟମାବଳୀ ଆଧାରିତ ଏକ ପୋଷ୍ଟର ପ୍ରଦର୍ଶନୀ କରାଯାଇଥିଲା। ଏହି ଅବସରରେ ୟୁନିସେଫ୍ ଯୋଗାଯୋଗ ବିଶେଷଜ୍ଞ ଅଗଷ୍ଟିନ୍ ଭେଲିଥଙ୍କ ୧୧ଟି ଫନ୍ ସିରିଜ୍ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ପୁସ୍ତକଗୁଡ଼ିକରେ ଶିଶୁ ଅଧିକାର ସମ୍ପର୍କିତ ପ୍ରସଙ୍ଗଗୁଡ଼ିକ ଉଲ୍ଲେଖ ରହିଛି। ସେହିପରି ସୋନାଲି ଶ୍ୱେତପଦ୍ମା ଓ ଡ. ପାରମିତା ଚଟ୍ଟୋରାଜଙ୍କ ରଚିତ ଇଂଲିଶ ପୁସ୍ତକ 'ସେକ୍ସୁଆଲ ଅଫେନ୍‌ସେସ ଏଗେନଷ୍ଟ ଚିଲଡ୍ରେନ୍ ଇନ୍ ଇଣ୍ଡିଆ: ଅଣ୍ଡର ଷ୍ଟାଣ୍ଡିଂ କ୍ରିମିନାଲ ଜଷ୍ଟିସ ରେସ୍‌ପନ୍‌ସେସ୍' ଉନ୍ମୋଚିତ ହୋଇଥିଲା। ଏଥିରେ ଯୌନ ହିଂସା ଓ ପୋକ୍ସୋ ଆଇନ୍‌ର କାର୍ଯ୍ୟକାରିତାକୁ ବିଶେଷ ଭାବରେ ଗୁରୁତ୍ୱ ଦିଆଯାଇଛି।



ପୁଲଓ୍ୱାମା ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ କଟକ ଗୌରୀଶଙ୍କର ପାର୍କ ସମ୍ମୁଖରେ ବୁଧବାର ଭାଜପା ବାରବାଟୀ-କଟକ ପକ୍ଷରୁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭା।

# ମହାନଦୀ ବନ୍ଧ ରାସ୍ତାର ଶିଳାନ୍ୟାସ



ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

କଟକ ସଦର, ୧୪।୨ (ସୁଶାନ୍ତ କୁମାର ଜେନା)

ମହାନଦୀ ଦକ୍ଷିଣପାର୍ଶ୍ୱ ବନ୍ଧ ଗାନ୍ଧୀପଲ୍ଲୀଠାରୁ ତାରପୁର ରାସ୍ତାର ସମ୍ପ୍ରସାରଣ ଓ ସୁଦୃଢ଼ୀକରଣ କାର୍ଯ୍ୟର ଶିଳାନ୍ୟାସ ଉତ୍ସବ କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଏହି ଅବସରରେ କଟକ ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଜିଲା ପରିଷଦ ସଭ୍ୟା ଆଶାଲତା ବେହେରା, ଶୁଭଶ୍ରୀ ମହାନ୍ତି, ପ୍ରଦୀପ୍ତ ମହାଳି ଯୋଗଦେଇଥିଲେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଆସନ୍ତା

**ବିଜେଡିର ରୋଡ୍ ଶୋ**

ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ପକ୍ଷରୁ ରୋଡ୍ ଶୋ କରାଯାଇଥିଲା। ଆୟଉପୁର ଛକରୁ ଶୋଭାଯାତ୍ରା ବାହାରି କିଶୋର ନଗରସ୍ଥିତ ସଭାସ୍ଥଳ ପର୍ଯ୍ୟନ୍ତ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ବେହେରାଙ୍କ ସମେତ ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ସୁରେଶ ବିଷୋୟୀ, ବିଭୂତି ଭୂଷଣ ପରିଡ଼ା, ସମର ବେହେରା, ସତ୍ୟସିଦ୍ଧାନ୍ତ ଦାଶ, ଶରତ ରାୟ, ସୁବୋଧ ବେହେରା ଓ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ପ୍ରାୟ ୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ପୂର୍ତ୍ତ ବିଭାଗ ଦ୍ୱାରା ହେବାକୁ ଥିବା ଏହି ରାସ୍ତା କଟକ ସହରରୁ ବାହାରି ଜଗତସିଂହପୁର ଜିଲାର ତାରପୁର ପୋଲକୁ ସଂଯୋଗ କରିବ।

# ୫୦ ଫ୍ରେମ୍‌ରେ ପ୍ରଦର୍ଶିତ ହେବ ବିଶ୍ୱର ବିରଳ ଡାକ ଟିକେଟ

ଭୁବନେଶ୍ୱର,୧୪।୨ (ଶର୍ମିଷ୍ଠା ପାଣିଗ୍ରାହୀ)

ପୂର୍ବ ଭାରତର ଡାକଟିକେଟ ସଂଗ୍ରାହକ ସଂଘ (ଇଷ୍ଟର୍ନ ଇଣ୍ଡିଆ ଫିଲାଟେଲିଷ୍ଟ ଆସୋସିଏଶନ୍ ବା ଇପା) ୨୫ତମ ବର୍ଷରେ ପଦାର୍ପଣ କରିଛି। ସଂଘର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଆସନ୍ତା ୧୬ରୁ ୧୮ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଏକ ହୋଟେଲରେ ଡାକଟିକେଟ ପ୍ରଦର୍ଶନୀ ଓ ମେଳା ଅନୁଷ୍ଠିତ ହେବ। ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ଅଧ୍ୟକ୍ଷ ଦୁର୍ଗାଦତ୍ତ ରାଉତରାୟ ଓ ସମ୍ପାଦକ ଶାନ୍ତିସ୍ୱରୂପ ରଥ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି ମେଳା ପୂର୍ବାହ୍ନ ୧୦ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ଏଥିସହିତ ଡାକଟିକେଟ ସଂଗ୍ରହ ବକ୍ତବ୍ୟ, ଡାକଟିକେଟ ନିଲାମ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ଜାତୀୟ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଡାକଟିକେଟ ସଂଗ୍ରାହକଙ୍କ ଦ୍ୱାରା ସଂଗୃହୀତ ବିରଳ ଡାକଟିକେଟ ୫୦ଟି ଫ୍ରେମ୍‌ରେ ପ୍ରଦର୍ଶିତ ହେବ।

**୧୬ରୁ ଡାକ ଟିକେଟ ମେଳା**

ଏହାସହିତ ୧୫ଜଣ ବିକ୍ରେତାଙ୍କ ଷ୍ଟଲ୍ ରହିବ। ଭାରତୀୟ ଡାକ ବିଭାଗ ପକ୍ଷରୁ ମଧ 'ମାଇଁ ଷ୍ଟାମ୍ପ୍ ଷ୍ଟଲ୍' ରହିବା ସହିତ ବିଭିନ୍ନ ପ୍ରକାର ସ୍ମରଣୀୟ ଡାକଟିକେଟ ତଥା ପ୍ରଥମ ଦିବସ ଲଫାପା ଉପଲବ୍ଧ ହେବ। ସେହିପରି ରାଜ୍ୟର ୫ଟି ପ୍ରତୀକ ଯଥା ଅଶ୍ୱତ୍ଥ ବୃକ୍ଷ, ଶମ୍ବର, ଭଦଭଦଳିଆ ପକ୍ଷୀ, ମହାନଦୀ ମହାସୀର ମାଛ ଓ ଅଶୋକ ଫୁଲ ସ୍ଥାନିତ ଥିବା ପାଞ୍ଚଟି ପିକ୍‌ଚର ପୋଷ୍ଟକାର୍ଡ ଓ ଦୁଇଟି ସ୍ମାରକୀ ଲଫାପା ଉନ୍ମୋଚନ ହେବା ନେଇ ସଂଘର ବରିଷ୍ଠ ସଦସ୍ୟ ଦେବାଶିଷ ମିତ୍ର ସୂଚନା ଦେଇଛନ୍ତି। ଐତିହାସିକ ଅନୀଲ ଧୀର ଡାକଟିକେଟକୁ କିଭଳି ଭାବେ ଶିକ୍ଷାରେ ଯୋଡ଼ିହେବ ସେନେଇ ଆଲୋଚନା କରିଥିଲେ। ଖବରଦାତା ସମ୍ମିଳନୀରେ କୋଷାଧ୍ୟକ୍ଷ ବିଦ୍ଧୁଦତ୍ତ ମିଶ୍ର, ସଭ୍ୟ ଚିତ୍ତରଞ୍ଜନ ଦାସ ଓ ପ୍ରମୋଦ କୁମାର ସାହୁ ଉପସ୍ଥିତ ଥିଲେ।

# ଏନ୍‌ବିଡବ୍ଲ୍ୟୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୨ (ସତ୍ୟଜିତ୍ ରାଉତ)

**ସାଧାରଣ ନିର୍ବାଚନ ପାଇଁ ପୋଲିସର ବୈଠକ**

ଆସନ୍ତା ସାଧାରଣ ନିର୍ବାଚନ ବେଳେ ଅସାମାଜିକ ଯୁବକ ଓ ଅପରାଧୀମାନେ ବିଭିନ୍ନ ଧରଣର ବିଶୃଙ୍ଖଳା ସୃଷ୍ଟି କରିପାରନ୍ତି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ଶୃଙ୍ଖଳିତ ନିର୍ବାଚନ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ବୁଧବାର ଗୀତଗୋବିନ୍ଦ ସଦନରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା ପକ୍ଷରୁ ସ୍ୱତନ୍ତ୍ର ବୈଠକ ବସି ଅନେକ ଦିଗ ଉପରେ ଆଲୋଚନା କରାଯାଇଛି। ବୈଠକରେ ଉପସ୍ଥିତ ଥିବା ସମସ୍ତ ଜୋନ୍ ଏସିପି, ଥାନା ଅଧିକାରୀ ଏବଂ ନୋଡାଲ ଅଫିସର ଦାୟିତ୍ୱରେ ରହିବାକୁ ଥିବା ଏସ୍‌ଆଇଙ୍କୁ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ବିଭିନ୍ନ ପରାମର୍ଶ ଦେଇଥିଲେ। ଜାମିନ ବିହୀନ ଗିରଫ ପରୱାନା (ଏନ୍‌ଡିଡବ୍ଲ୍ୟୁ) କାର୍ଯ୍ୟକାରୀ କରିବାକୁ ଡିସିପି ସମସ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନିର୍ବାଚନ ସମୟରେ ବିଭିନ୍ନ ପ୍ରକାର ହିଂସା, ଗୋଷ୍ଠୀ ସଂଘର୍ଷ ଭଳି ଅପ୍ରୀତିକର ପରିସ୍ଥିତି ସମୟରେ ନିର୍ବାଚନ ଡ୍ୟୁଟିରେ ମୁତୟନ ପୋଲିସ କର୍ମଚାରୀଙ୍କ ଭୂମିକା କିଭଳି ରହିବା ଦରକାର ସେନେଇ ମଧ ସଂକ୍ଷିପ୍ତ ଟିପ୍ପଣୀ ଦେଇଥିଲେ। ଡିସିପି ସିଂ କହିଛନ୍ତି, ନିର୍ବାଚନବେଳେ ବିଶୃଙ୍ଖଳା ସୃଷ୍ଟି ଆଶଙ୍କା ଥିବାରୁ ଅଭ୍ୟାସଗତ ଅପରାଧୀ ଓ ଅସାମାଜିକଙ୍କ ଉପରେ ସ୍ୱତନ୍ତ୍ର ନଜର ରଖାଯିବ। ସେହିଭଳି ଲାଇସେନ୍ସ ନେଇ ବନ୍ଧୁକ ରଖିଥିବା ଲୋକଙ୍କ ତାଲିକା ମଧ ପ୍ରସ୍ତୁତ ହୋଇଛି। ସେମାନଙ୍କ ବନ୍ଧୁକ ପୋଲିସ ପାଖରେ ଦାଖଲ କରିବାକୁ କୁହାଯିବ। ଅଭ୍ୟାସଗତ ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ପ୍ରାୟ ୨୪୦୦ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଛି। ଏହି ଏନ୍‌ବିଡବ୍ଲ୍ୟୁକୁ କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱ ଦିଆଯାଉଛି। ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ସିଆର୍‌ପିସି-୧୧୦ ଏବଂ ନ୍ୟାଶନାଲ୍ ସିକ୍ୟୁରିଟି ଆକ୍ଟ (ଏନ୍‌ଏସ୍‌ଏ) ବଳରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବେଆଇନ ମଦ କାରବାର ରୋକିବାକୁ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି।

# ଅଭିନେତା ଚକ୍ରଧର ଜେନାଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୪।୨ (ଶର୍ମିଷ୍ଠା ପାଣିଗ୍ରାହୀ)

ଅଭିନେତା ଚକ୍ରଧର ଜେନାଙ୍କ ବିୟୋଗରେ ସିନେ କ୍ରିଟିକ ଆସୋସିଏଶନ ଏବଂ ଦର୍ଶକ ମ୍ୟୁଜିକ ଆଣ୍ଡ୍ ଫିଲ୍ମସ ପକ୍ଷରୁ ବୁଦ୍ଧ ମନ୍ଦିର ପରିସରରେ ବୁଧବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ କଳାକାର, ଶିଳ୍ପୀ ଯୋଗଦେଇ ଚକ୍ରଧରଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଚକ୍ରଧରଙ୍କ ଓଡ଼ିଆ ଶିଳ୍ପ ପ୍ରତି ରହିଥିବା ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଦୋଷ ପଟ୍ଟନାୟକ, ଦିଲୀପ ହାଲି, ପ୍ରଣବ ଦାସ, ରବୀନ୍ଦ୍ର ବିଶ୍ୱାଳ, ଡ. ରଜନୀ ରଞ୍ଜନ, ଶ୍ରୀଧର ମାର୍ଥାଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପ୍ରଯୋଜକ ଲୁଟୁ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# 'ପ୍ରତି ଘରେ ରାମନାମ ପ୍ରଚାରିତ ହେଉ'

କଟକ,୧୪।୨ (କାର୍ତ୍ତିକ ସାହୁ)



**କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ସଂକ୍ରାନ୍ତି ଉତ୍ସବ**

ଆଧ୍ୟାତ୍ମିକ ଅନୁଷ୍ଠାନ କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ସଂକ୍ରାନ୍ତି ଉତ୍ସବ ରାମଦାସପୁରସ୍ଥିତ ଭାରତମସଲା କମ୍ପାନୀ ପରିସରସ୍ଥ ହନୁମାନ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ସମିତିର ଉପଦେଷ୍ଟା ତଥା ଭାରତ ମସଲା କମ୍ପାନୀର ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ଅନୁରୋଧକ୍ରମେ ବରିଷ୍ଠ କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଦାଶ ଅଧକ୍ଷତା କରିଥିଲେ। ଲୋକସମ୍ପର୍କ ପ୍ରମୁଖ କୈଳାସ ଚନ୍ଦ୍ର ଜେନା ସମିତିର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସର୍ବବ୍ୟବସ୍ଥାପକ ଗୋପାଳ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ତଥା ପ୍ରବଚକ ପ୍ରଦୀପ୍ତ କୁମାର ମହାପାତ୍ର ପ୍ରବଚନ ମାଧମରେ ରାମକଥା ଶୁଣାଇଥିଲେ। ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ସ୍ୱାଇଁ ଯୋଗଦେଇ ରାଜ୍ୟର ଘରେ ଘରେ ରାମନାମ ପ୍ରଚାର କରିବା ପାଇଁ ସଦସ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ଉପସଭାପତି ନଳୀନ କୁମାର ସେନାପତି, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ସଙ୍ଗଠନ ସମ୍ପାଦକ ଲକ୍ଷ୍ମୀନାରାୟଣ ମଲ୍ଲିକ, ଦେବୀପ୍ରସନ୍ନ ମହାପାତ୍ର, ବିଶ୍ୱମିତ୍ରା ମିଶ୍ର, ମହେନ୍ଦ୍ର ସାହୁ, ମକର ସାହୁ, ଜିତୁ ବାରିକ, ସୋମନାଥ ଦାସ, ସୂର୍ଯ୍ୟମଣି ବେହେରା, ଶାନ୍ତିଲତା ସେଠୀ, ଯତୀନ୍ଦ୍ର କୁମାର ଦାସ, କେଶବ ଚନ୍ଦ୍ର ବେହେରା, ସୁରେଶ ମହାନ୍ତି, ଉମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଭାଗ୍ୟଧର ବାରିକ ରାମଧୁନ ଗାନ କରିଥିଲେ।

# ଏସ୍‌ଏଚ୍‌ଜି ଦ୍ୱାରା ପ୍ରସାରିତ ହେବ ମିଲେଟ୍

କଟକ,୧୪।୨ (କାର୍ତ୍ତିକ ସାହୁ)

ପଞ୍ଚାୟତିରାଜ ସଦସ୍ୟମାନଙ୍କ ନିମନ୍ତେ ମିଲେଟ୍‌ର ବ୍ୟାପକ ପ୍ରଚାର ଓ ପ୍ରସାର ସମ୍ପର୍କିତ ଏକ ଜିଲାସ୍ତରୀୟ ସମ୍ମିଳନୀ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଦ୍ୱାରା ପ୍ରସ୍ତୁତ ମିଲେଟ୍ କେକ୍ କଟାଯାଇ ସମ୍ମିଳନୀକୁ ଉଦ୍‌ଘାଟନ କରାଯାଇଥିଲା। ଓଡ଼ିଶା ତଥା କଟକ ଜିଲାରେ ମିଲେଟ୍‌ର ସ୍ଥିତି ନେଇ ସ୍ଲାଇଡ୍ ଶୋ ପ୍ରଦର୍ଶନ କରାଯିବା ସହ ଏକ ସଂକ୍ଷିପ୍ତ ଆଲୋଚନା କରାଯାଇଥିଲା। ମିଲେଟ ଉତ୍ପାଦନ ବୃଦ୍ଧି ଓ ଏହାର ବ୍ୟବହାରକୁ ଲୋକାଭିମୁଖୀ କରିବା ନେଇ ମିଲେଟ ମିଶନର ଭୂମିକା ସମ୍ପର୍କରେ ସମ୍ମିଳନୀରେ ଆଲୋଚନା ହୋଇଥିଲା। ମିଲେଟ୍‌ରୁ ପ୍ରସ୍ତୁତ ବିଭିନ୍ନ ପ୍ରକାରର ଖାଦ୍ୟ, ପାଏସ, କେକ୍ ଆଦି ପ୍ରଦର୍ଶିତ ହେବା ସହ ସ୍ୱୟଂ ସହାୟକ ଉଦ୍ୟୋଗୀମାନେ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଏଥିରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ ଅଧକ୍ଷତା କରିଥିଲେ। କୃଷି ଓ ଅନ୍ୟାନ୍ୟ କ୍ଷେତ୍ର ଜିଲା ପରିଷଦ ସ୍ଥାୟୀ କମିଟି ଅଧକ୍ଷ ଆଶିଷ ସାହୁ ଓ ଜିଲା କୃଷି ସହକାରୀ ନିର୍ଦ୍ଦେଶକ ଅସୀମା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ ଜୋନ୍‌ର ଜିଲା ପରିଷଦ ସଦସ୍ୟ, କଟକ ସଦର ସରପଞ୍ଚ, ବାରଙ୍ଗ ମଣ୍ଡଳ କୃଷି ଅଧିକାରୀ ଓ କଟକର ମିଲେଟ୍ ମିଶନ ଡିପିସି ପ୍ରମୁଖ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟଙ୍କ ସମେତ ଅନ୍ୟମାନେ।



କଟକ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲରେ ବୁଧବାର ଅନୁଷ୍ଠିତ ସରସ୍ୱତୀ ପୂଜା।



କଟକ ଜିଲା ଡ୍ରିମ୍ସ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା।



କଟକ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ରୀଛାତ୍ରମାନେ ମା' ସରସ୍ୱତୀଙ୍କୁ ପୂଜା କରୁଛନ୍ତି।




୧୪।୨।୨୦୨୪

| | |
|---|---|
| ୬,୭୦,୪୩୫ଟଙ୍କା | |
| ସୁନା | ୧ ଗ୍ରାମ୍ |
| ରୁପା | ୩୩.୩୦୦ ଗ୍ରାମ୍ |

# ଶ୍ରୀବିଗ୍ରହଙ୍କ ଚାଚେରୀ ବେଶ, ବେଷ୍ଟନୀତି

ପୁରୀ,୧୪।୨ (ଅଜିତ୍ ମହାନ୍ତି)

ବସନ୍ତ ପଞ୍ଚମୀ ତଥା ସରସ୍ୱତୀ ପୂଜା ଅବସରରେ ବୁଧବାର ଶ୍ରୀମନ୍ଦିରରେ ଦାରୁବିଗ୍ରହଙ୍କ ଚାଚେରୀ ବେଶ ସହ ବେଷ୍ଟପୋଖରୀରେ ବେଷ୍ଟ ନୀତି ଅନୁଷ୍ଠିତ ହୋଇଯାଇଛି। ମଧ୍ୟାହ୍ନ ଧୂପ ହୋଇ ମଇଲମ ପରେ ଶ୍ରୀବିଗ୍ରହମାନଙ୍କୁ ଚନ୍ଦନ ଲାଗି କରାଯାଇଥିଲା। ଦକ୍ଷିଣଘର ଖଟରେ ଶ୍ରୀଦେବୀ, ଭୂଦେବୀ ଏବଂ ଦୋଳଗୋବିନ୍ଦଙ୍କୁ ବିଜେ କରାଯାଇଥିଲା। ଅପର ପକ୍ଷରେ ତିନି ଠାକୁର ଚାଚେରୀ ବେଶ ହୋଇଥିଲେ। ଉକ୍ତ ବେଶରେ ତିନିଠାକୁର ଫୁଟା ପହରଣ, ଶିରିକପଡ଼ା, ମୁଖବଳା, ଟୋପର, ଚନ୍ଦ୍ରିକା, ନଳୀଭୁଜ, ଆଡ଼କାନୀ, ତିଳକ, ଓଡ଼ିଆଣୀ, ସୂର୍ଯ୍ୟଚନ୍ଦ୍ର, ଘାଘଡ଼ାମାଳ ଲାଗିହୋଇଥିଲେ। ମହାପ୍ରଭୁ ଏବଂ ବଡ଼ଠାକୁର ଦୁଇଟି ଲେଖାଏ ମକର କୁଣ୍ଡଳ, ଦେବୀ ସୁଭଦ୍ରା ୨ଟି ତଡ଼ଗୀ ଲାଗିହୋଇଥିଲେ।

ରୋଷ ଘରକୁ ଚାଚେରୀ ଭୋଗ ଡାକରା ଯାଇଥିଲା। ଭୋଗ ଆସିବା ପରେ ଦୁଇ ଦେବୀ ଓ ଦୋଳଗୋବିନ୍ଦ ଭିତରେ ସିଂହାସନକୁ ବିଜେ କରିଥିଲେ। ମୁଦିରସ୍ତ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ଭୋଗ ମଣୋହି କରିଥିଲେ। ଧୋପଖାଳ ପରେ ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତ ତିନିବାଡ଼ରେ ଚନ୍ଦନ ଫଗୁ ଲାଗି କରିଥିଲେ। ବନ୍ଦାପନା ପରେ ମୁଦିରସ୍ତ ତିନିବାଡ଼ରେ ଝିମିରିଫଗୁଅଞ୍ଜଳିକରିଥିଲେ।

ଅନ୍ୟାନ୍ୟ ନୀତି ପରେ ପୂଜାପଣ୍ଡା ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ଶ୍ରୀଦେବୀ, ଭୂଦେବୀ ଏବଂ ଦୋଳଗୋବିନ୍ଦଙ୍କୁ ଦେଇଥିଲେ। ମହାଜନ ଉକ୍ତ ତିନିଠାକୁରଙ୍କୁ ବିଜେ କରାଇ ଆଣି ଜୟବିଜୟ ଦ୍ୱାର ଲଣ୍ଡାବର୍ତ୍ତ ଉପରେ ଠିଆହୋଇ ରହିଥିଲେ। ସେଠାରେ ଠାକୁରମାନଙ୍କୁ ମୁଦିରସ୍ତ ଫଗୁଚନ୍ଦନ ପ୍ରସାଦ ଲାଗି, ବନ୍ଦାପନା, ଚାମର ଆଲଟ କରିବା ପରେ ପ୍ରଭା ଉପରକୁ ଫଗୁ ଛିଞ୍ଚିଥିଲେ। ତିନିଦିଅଁ ବଟମୂଳେ ଥିବା ବିମାନରେ ବିଜେ କରିଥିଲେ। ବିମାନବଡୁମାନେ ଘଣ୍ଟ ଛତା ଓ କାହାଳୀ ସହ ବିମାନକୁ ଜଗନ୍ନାଥ ବଲ୍ଲଭକୁ ନେଇଥିଲେ। ଦୁଇ ଠାକୁରାଣୀ ଜଗଦି ଉପରେ ଓ ଦୋଳଗୋବିନ୍ଦ ଚଉଦୋଳରେ ବିଜେ କରିଥିଲେ। ଠାକୁର ଓ ଠାକୁରାଣୀଙ୍କ ମଧ୍ୟରେ ଫଗୁଖେଳ ହୋଇଥିଲା। ପରେ ଦୋଳଗୋବିନ୍ଦ ଜଗତିରେ ଦୁଇ ଦେବୀଙ୍କ ପାଖରେ ବିଜେ ହୋଇଥିଲେ। ଶୀତଳଭୋଗ, ବନ୍ଦାପନା, ଚାମର ଆଲଟ ପରେ ପ୍ରସାଦ ଲାଗି କରାଯାଇଥିଲା। ଦିଅଁମାନେ ବେଷ୍ଟବିନ୍ଧା ନୀତି ପାଇଁ ଜଗନ୍ନାଥବଲ୍ଲଭସ୍ଥିତ ବେଷ୍ଟପୋଖରୀକୁ ବିଜେ କରିଥିଲେ। ଭିତରଛୁ ତୀର କମାଣକୁ ଠାକୁରଙ୍କ ଶ୍ରୀଅଙ୍ଗରେ ଛୁଆଁଇ ଲେଙ୍କା ସେବକଙ୍କୁ ଦେଇଥିଲେ। ସେ ସେଠାରେ ଥିବା ପଇଡ଼କୁ ବେଷ୍ଟ ବିନ୍ଧିଥିଲେ। ନୀତି ସମ୍ପନ୍ନ ପରେ ଠାକୁର ଠାକୁରାଣୀ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ବଟମୂଳେ ରୁନ୍ଧା ଫିଟାଯିବା ପରେ ଜୟବିଜୟ ଦ୍ୱାରରେ ରହିଥିଲେ। ସେଠାରେ ପ୍ରସାଦ ଲାଗି ଓ ବନ୍ଦାପନା ପରେ ଦୋଳଗୋବିନ୍ଦ ଦକ୍ଷିଣ ଘରକୁ ଏବଂ ଶ୍ରୀଦେବୀ, ଭୂଦେବୀ ସିଂହାସନକୁ ବିଜେ କରିଥିଲେ। ଅପରପକ୍ଷରେ ସନ୍ଧ୍ୟାଧୂପ ପରେ ସରସ୍ୱତୀ ମନ୍ଦିରରେ ମାଦଳା ପାଞ୍ଜି ପୂଜା କରାଯାଇଥିଲା। ଶୀତଳ ଭୋଗ କରାଯାଇ ପରମ୍ପରା ଅନୁଯାୟୀ ୨୧ଟି ନଡ଼ିଆ ଭଙ୍ଗାଯାଇଥିଲା।



# ଆଜି ରାତିରେ ବିମାନରେ ବିଜେ କରିବେ ଠାକୁର

କୋଣାର୍କ,୧୪।୨(ଜ୍ୟୋତିରାଜ ମହାନ୍ତି)

- ରାତି ୪ଟା ୩୪ରେ ଠାକୁରଙ୍କ ସ୍ନାନ
- ୩୩ ପ୍ଲାଟୁନ୍ ଫୋର୍ସ ମୁତୟନ

ପବିତ୍ର ମାଘ ସପ୍ତମୀ ବୁଡ଼ ପାଇଁ ଶ୍ରଦ୍ଧାଳୁଙ୍କ ଅପେକ୍ଷାରେ ମେଳାପଡ଼ିଆ ଓ ତୀର୍ଥ ପୁଷ୍କରିଣୀ। ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ପୂର୍ବ ରାତିରୁ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇବେ। ମାଘ ସପ୍ତମୀ ଅବସରରେ ଗୁରୁବାର ଓ ଶୁକ୍ରବାର ୨ଦିନ ସୂର୍ଯ୍ୟମନ୍ଦିର ପ୍ରବେଶ ଶୁଳ୍କ ଛାଡ଼ କରାଯାଇଛି। ଚନ୍ଦ୍ରଭାଗା ତୀର୍ଥକୁ ଭୁବନେଶ୍ୱର, ପୁରୀ ଓ କାକଟପୁରରୁ ଆସୁଥିବା ଯାନବାହନ ନିୟନ୍ତ୍ରଣ, ବାଇକ୍, କାର୍ ଓ ବସ୍ ପାର୍କିଂ, ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ବ୍ୟାରିକେଡ଼ ବ୍ୟବସ୍ଥା, ଟ୍ରାଫିକ ବ୍ୟବସ୍ଥା, ତୀର୍ଥ ପୁଷ୍କରିଣୀରେ ୬ଟି ପ୍ରବେଶ ଓ ପ୍ରସ୍ଥାନ ପଥରେ ଶ୍ରଦ୍ଧାଳୁମାନେ ଶାନ୍ତିଶୃଙ୍ଖଳା ସହିତ ବୁଡ଼ ପକାଇବା ବ୍ୟବସ୍ଥା ହୋଇଛି। ନିଷ୍ପତ୍ତି ଅନୁଯାୟୀ, ଗୁରୁବାର ମାଘ ଶୁକ୍ଳ ଷଷ୍ଠୀ ରାତି ୯ଟାରୁ ମାଧିପୁର ଗ୍ରାମର ଶ୍ରୀଶ୍ରୀ ତ୍ରିବେଣୀଶ୍ୱର, ସନ୍ଥପୁର ଗ୍ରାମର ଇସାଣେଶ୍ୱର, କୁରୁଜଙ୍ଗ ଗ୍ରାମର ଦକ୍ଷିଣେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ନିଜ ନିଜ ଆସ୍ଥାନରୁ ବାହାରି ବିମାନ ବିଜେ କରିବେ। ତିନିଠାକୁର ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା ପରେ ରାତି ୩ ସୁଧା ଚନ୍ଦ୍ରଭାଗା ତୀର୍ଥ ମଣ୍ଡପରେ ପହଞ୍ଚିବେ। ଏଠାରେ ପାରମ୍ପରିକ ରୀତିନୀତିରେ ଚଳନ୍ତି ପ୍ରତିମାଙ୍କ ପୂଜାହୋମ କର୍ମ ସମ୍ପାଦନ ହେବ। ଶୁକ୍ରବାର ସପ୍ତମୀ ତିଥିରେ ମାହେନ୍ଦ୍ରବେଳା ୪ଟା ୩୪ ମଧ୍ୟରେ ପବିତ୍ର ତୀର୍ଥ ଜଳରେ ତିନି ଠାକୁର ସ୍ନାନ କରିବେ। ପରେ ସାଧୁସନ୍ଥ ଓ ଅପେକ୍ଷାରତ ଶ୍ରଦ୍ଧାଳୁ ସ୍ନାନ କରିବାର ସୁଯୋଗ ପାଇବେ। ଗୁରୁବାର ଅପରାହ୍ନ ୩ଟାରୁ ହେଲିପ୍ୟାଡ୍‌ରେ ସମସ୍ତ ଯାନବାହନ ପାର୍କିଂ ହେବ। ଭୁବନେଶ୍ୱରରୁ ଆସୁଥିବା ଯାନବାହନ ଆଇଓସିଏଲ୍ ବସ୍ ପାର୍କିଂ ଓ ହେଲିପ୍ୟାଡ୍‌ରେ ପାର୍କିଂ କରାଯିବ।ମାଘ ସପ୍ତମୀ ସହିତ ଜଡ଼ିତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସୁଚାରୁରୂପେ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ମେଳାପଡ଼ିଆରେ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଶିବିର, ଅସ୍ଥାୟୀ ଶୌଚାଳୟ, ପାନୀୟ ଜଳ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ବେଳାଭୂମିରେ ୨ଟି ଦମକଳ ଗାଡ଼ି ମୁତୟନ ରହିବ। କୋଣାର୍କ ଓ ଚନ୍ଦ୍ରଭାଗାରେ ୩୩ ପ୍ଲାଟୁନ୍ ଫୋର୍ସ ନିୟୋଜିତ ରହିବେ। ଶ୍ରଦ୍ଧାଳୁଙ୍କ ସହାୟତା ପାଇଁ ୩ଶହ ସ୍ୱାସ୍ଥ୍ୟସେବୀ ମୁତୟନ କରାଯାଇଛି।

## ସଂକ୍ଷେପରେ

### ସାକ୍ଷୀଗୋପାଳଙ୍କ ହୋଲି ବେଶ ଆରମ୍ଭ

ସାକ୍ଷୀଗୋପାଳ,୧୪।୨
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ପରମ୍ପରାକ୍ରମେ ବସନ୍ତ ପଞ୍ଚମୀ ତିଥି ବୁଧବାରଠାରୁ ସାକ୍ଷୀଗୋପାଳ ମନ୍ଦିରରେ ଠାକୁରଙ୍କ ହୋଲି ବେଶ ଆରମ୍ଭ ହୋଇଛି। ଆଗାମୀ ହୋଲି ପର୍ଯ୍ୟନ୍ତ ଏହି ବେଶ କରାଯିବ। ସନ୍ଧ୍ୟାଧୂପ ବେଶରେ ଏହି ବେଶ କରାଯାଇଥିଲା। ଲାଲଘେର, ପାଇଜାମା, ପଗଡ଼ି, ପଟି, ବେଙ୍ଗ ପାଟିଆ, ସୁବର୍ଣ୍ଣ ଶିଂ, ଚାପଶରି, ତାବିଜ, ନୁଡୁକ, ମକର କୁଣ୍ଡଳ, ହୀରା ମୁଦି, ଫୁଲ ତୁଳସୀ ହାର ଠାକୁର ପରିଧାନ କରିଥିଲେ। ଏଥିପାଇଁ ମନ୍ଦିରରେ ସତନ୍ତ୍ର ଦେବନୀତି ହୋଇଥିଲା। ବିଜେ ପ୍ରତିମା ମଦନମୋହନ ବିମାନରେ କୁମାର ପୂର୍ଣ୍ଣିମା ମଣ୍ଡପକୁ ବିଜେ କରିଥିଲେ। ସେଠାରେ ପନ୍ତିଭୋଗ, ଆଳତି, ଉପଚାର ବନ୍ଦାପନା ନୀତି ହୋଇଥିଲା। ପରେ ଗରୁଡ଼ସ୍ତମ୍ଭ ନିକଟକୁ ବିଜେ ପ୍ରତିମାଙ୍କୁ ଅଣାଯାଇ ସେଠାରେ ପଞ୍ଚପଲ୍ଲବ, ଅବିର ଲାଗି କରାଯାଇ ବସନ୍ତର ଆଦ୍ୟ ପର୍ବ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ପୂର୍ବାହ୍ନ ଏବଂ ସନ୍ଧ୍ୟା ସମୟରେ ଆକର୍ଷଣୀୟ ହୋଲି ବେଶରେ ସାକ୍ଷୀଗୋପାଳଙ୍କୁ ଦର୍ଶନ ସୁଯୋଗ ରହିଛି।

### ଶାରୀରିକ ସମ୍ପର୍କ ନ ରଖିଲେ ହତ୍ୟା ଧମକ

**ପୂର୍ବତନ ସରପଞ୍ଚଙ୍କ ବିରୋଧରେ ମହିଳାଙ୍କ ଅଭିଯୋଗ**

ଗୋପ,୧୪।୨(ଭାରତୀ ଭୂଷଣ ଉପାଧ୍ୟାୟ)

ଶାରୀରିକ ସମ୍ପର୍କ ନ ରଖିଲେ ତାଙ୍କୁ ତଣ୍ଟି ଚିପି ମାରିଦେବାକୁ ଧମକ ଦେଇଥିବା ନେଇ ଜଣେ ମହିଳା ଗୋପ ବ୍ଲକ ଅଞ୍ଚଳର ଜଣେ ପୂର୍ବତନ ସରପଞ୍ଚଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ପୋଲିସ ଏ ନେଇ ଏକ ମାମଲା (ନଂ. ୭୨/୨୪) ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଅଭିଯୁକ୍ତ ଉକ୍ତ ମହିଳାଙ୍କ ସହ ଦୀର୍ଘଦିନ ଧରି ପ୍ରେମ ସମ୍ପର୍କ ରଖିଥିଲେ। ମହିଳାଙ୍କ ବିବାହ ପରେ ମଧ୍ୟ ଅଭିଯୁକ୍ତ ତାଙ୍କ ସହିତ ଜୋରଜବରଦସ୍ତ ସମ୍ପର୍କ ରଖିଥିଲେ। ଏପରି କି ଶାରୀରିକ ସମ୍ପର୍କ ନ ରଖିଲେ ମହିଳାଙ୍କ ସବୁ ଗୁମର ଖୋଲିଦେବେ ବୋଲି ଭୟଭୀତ କରାଇ ବାରମ୍ବାର ବଳାତ୍କାର କରୁଥିବା ମହିଳା ଅଭିଯୋଗରେ ଦର୍ଶାଇଛନ୍ତି। କିଛି ଦିନ ତଳେ କୌଣସି କାରଣକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହେବାରୁ ଉଭୟଙ୍କ ଏକ ଅଡିଓ ବାର୍ତ୍ତାଳାପକୁ ଅଭିଯୁକ୍ତ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ମହିଳାଙ୍କ ପୁଅ ଏହାକୁ ବିରୋଧ କରିବାରୁ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରି ତାଙ୍କ ନାମରେ ମିଥ୍ୟା ମାମଲା କରିଥିବା ମହିଳା ଅଭିଯୋଗ କରିଛନ୍ତି। ଏ ନେଇ ଥାନା ଅଧିକାରୀ ମହେଶ୍ୱର ସେଠୀ କହିଛନ୍ତି, ଅଭିଯୋଗ ଅନୁସାରେ ମକଦ୍ଦମା ରୁଜୁ ହୋଇଛି। ତଦନ୍ତ ଚାଲିଥିବାବେଳେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।

# ଚଇତି ଘୋଡ଼ା ନାଚ, ଓଡ଼ିଶୀ ନୃତ୍ୟ ମନମୋହିଲା




୫ମ ଲୋକକଳା ମହୋତ୍ସବରେ ବୁଧବାର ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

କୋଣାର୍କ,୧୪।୨(ଜ୍ୟୋତିରାଜ ମହାନ୍ତି)

ପୁରାତନ ସଂସ୍କୃତି ଓ ପରମ୍ପରାକୁ ନେଇ କୋଣାର୍କସ୍ଥିତ ରାଜାରାମ ମଠ ପରିସରରେ ଥିବା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ଅଞ୍ଚଳର ଅଗ୍ରଣୀ ସାଂସ୍କୃତିକ ସଙ୍ଗଠନ ନାଟ୍ୟଦୀପ ଆନୁକୂଲ୍ୟରେ ୫ମ ଲୋକକଳା ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ନାଟ୍ୟଦୀପ ନିର୍ଦ୍ଦେଶକ କାଳନ୍ଦୀ ଚରଣ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାବାର୍ଡ ଅଧିକାରୀ ବାଉରୀ ବନ୍ଧୁ ଗୋଚ୍ଛାୟତ, କୋଣାର୍କ ଏନ୍ଏଏସି ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ବରିଷ୍ଠ ଲେଖକ ଓ ସାହିତ୍ୟିକ ଡ. ସର୍ବେଶ୍ୱର ସେଣ, ନାଟ୍ୟଦୀପ ନିର୍ଦ୍ଦେଶକ କାଳନ୍ଦୀ ଚରଣ ସ୍ୱାଇଁ, ବରିଷ୍ଠ ଶିକ୍ଷାବିତ୍ ପ୍ରତାପଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ। ବିଲୁପ୍ତ ଲୋକକଳାକୁ ପ୍ରଚାରପ୍ରସାର କରି ସମାଜରେ ପ୍ରାଚୀନ ଲୋକନୃତ୍ୟ ଓ କଳାକୃତି ପୁନଃ ଜୀବିତ କରିବା ଦିଗରେ ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଦୀପର ଉଦ୍ୟମ ପ୍ରଶଂସନୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

ଏହି ପରିପ୍ରେକ୍ଷୀରେ କାକଟପୁର ମା' କାକଟେଶ୍ୱରୀ ଲୋକ ନୃତ୍ୟ କଳା ପରିଷଦ ପକ୍ଷରୁ ଚଇତି ଘୋଡ଼ା ନାଚ, ଭୁବନେଶ୍ୱର ନୁପୁର ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶୀ ଦେବୀ ବନ୍ଦନା ନୃତ୍ୟ, ସଚି ରାଉତରାୟଙ୍କ ଲିଖିତ 'ଛୋଟ ମୋର ଗାଁ ଟି'ର ପଲ୍ଲୀ ନୃତ୍ୟ ଶିଳ୍ପୀମାନେ ଅତି ନିଖୁଣ ଭାବେ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରତାପଚନ୍ଦ୍ର ରାଉତ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସହ ନିର୍ଦ୍ଦେଶକ ନିତ୍ୟାନନ୍ଦ ମହାରଣା, ମାନସ ପ୍ରଧାନ, ଆରତ ଦାସ, ଶ୍ରୀଧର କାଣ୍ଡି ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ଶହୀଦ ମନୋଜ ବେହେରାଙ୍କ ୫ମ ଶ୍ରାଦ୍ଧ ବାର୍ଷିକୀ

ଚାରିଛକ,୧୪।୨(ଶିଶିର ସ୍ୱାଇଁ)

ଚାରିଛକ ନିକଟସ୍ଥ ରତନପୁର ଗ୍ରାମରେ ବୁଧବାର ଶହୀଦ ମନୋଜ ବେହେରାଙ୍କ ୫ମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳନ କରାଯାଇଛି। ଏଥିରେ ରତନପୁର ସରପଞ୍ଚ ସୁକାନ୍ତି ବେହେରା, କବିରାଜ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟ ଅଧ୍ୟକ୍ଷ ଡ. କେଦାରନାଥ ସାହୁ, ନୂଆଗାଁ ଆତ୍ମାରାମ ବାଳା ଆଶ୍ରମର ଗଣେଶ ବାବା ଉପସ୍ଥିତ ରହି ଶହୀଦ ମନୋଜଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇଥିଲେ। ମନୋଜ ଦେଶ ପାଇଁ ୨୦୧୯ ଫେବୃଆରୀ ୧୪ରେ କଶ୍ମୀର ପୁଲୱାମାଠାରେ ଏକ ବଡ଼ ଆତଙ୍କବାଦୀଙ୍କ ବିସ୍ଫୋରଣରେ ଶହୀଦ ହୋଇଥିଲେ। ସେହିଦିନଠାରୁ ତାଙ୍କ ନିଜ ଜନ୍ମମାଟିରେ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳନ ହୋଇଆସୁଛି। ମନୋଜଙ୍କ ଶ୍ରାଦ୍ଧୋତ୍ସବରେ ଚାରିଛକ ନିକଟ ନୂଆଗାଁ ଆଶ୍ରମର ସଭ୍ୟାସଭ୍ୟ ନାମ କୀର୍ତ୍ତନ କରିଥିଲେ। ଶ୍ରାଦ୍ଧୋତ୍ସବରେ ଶହୀଦଙ୍କ ମାତା ସାବିତ୍ରୀ ବେହେରା, ବାପା ଜିତେନ୍ଦ୍ର ବେହେରା, ଭଉଣୀ ବାସନ୍ତୀ ବେହେରା, ଭିଣେଇ ଦେବାଶିଷ ବେହେରା ପ୍ରମୁଖ ଉପସ୍ଥିତ ରହି ସାହାଯ୍ୟ କରିଥିଲେ।

# ସେମିଫାଇନାଲରେ ଭଞ୍ଜନଗର ଏଫ୍‌ସି




ଖେଳାଳିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଉଛି।

ନିମାପଡ଼ା,୧୪।୨(ରଞ୍ଜନ ପଟ୍ଟନାୟକ)

୯ମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ବୁଧବାର ଭଞ୍ଜନଗର ଏଫ୍‌ସି ଏବଂ ଡାଇମଣ୍ଡ ଏଫସି ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳର ୨୫ ମି. ସମୟରେ ଭଞ୍ଜନଗର ଏଫ୍‌ସିର ସ୍ୱରାଜ ଭଞ୍ଜ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଖେଳର ୨୭ ମି. ସମୟରେ ଡାଇମଣ୍ଡ ଏଫ୍‌ସିର ଶୁକଲ ମୁର୍ମୁ ଗୋଲଟିକୁ ପରିଶୋଧ କରିଥିଲେ। ଦ୍ୱିତୀୟାର୍ଦ୍ଧରେ କେହି କାହାରିକୁ ଗୋଲଦେଇ ନ ପାରିବାରୁ ଖେଳ ୧–୧ରେ ଅମୀମାଂସିତ ରହିଥିଲା। ଶେଷରେ ଟାଏବ୍ରେକର ପଦ୍ଧତିରେ ଭଞ୍ଜନଗର ଏଫ୍‌ସି ୪– ୨ ଗୋଲରେ ଡାଇମଣ୍ଡ ଏଫ୍‌ସିକୁ ହରାଇ ବିଜୟ ଲାଭ କରି ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଭଞ୍ଜନଗର ଏଫ୍‌ସିର ସ୍ୱରାଜ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇ ମୁଖ୍ୟ ଅତିଥି ତହସିଲଦାର ବିଦ୍ୟାଧର ପତିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟତମ ଅତିଥି ଭାବେ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ ଏବଂ ପୂର୍ବତନ ଖେଳାଳି ପ୍ରହ୍ଲାଦ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ନିର୍ମଳ ମିଶ୍ର ମ୍ୟାଚ ପରିଚାଳନା କରିଥିବାବେଳେ ବିଜୟ ମଙ୍ଗରାଜ, ରାଜେନ୍ଦ୍ର ବାରିକ ଓ ସମର ବରାଳ ଏଥିରେ ସହଯୋଗ କରିଥିଲେ। ଆଥ୍‌ଲେଟିକ ଆସୋସିଏଶନ ଉପଦେଷ୍ଟା ମହେନ୍ଦ୍ର ସିଂ ଭାଟିଆ, ଉପସଭାପତି ଦୋଳଗୋବିନ୍ଦ ସେଠୀ, ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ବିଶ୍ୱଜିତ୍ ମଲ୍ଲିକ, ପ୍ରକାଶ ବରାଳ, ଜିତେଶ କାନୁନ୍‌ଗୋ, ଜ୍ୟୋତିରଞ୍ଜନ ସାହୁ ଏବଂ କ୍ରୀଡ଼ା ଶିକ୍ଷକ ରଞ୍ଜିତ କେଶରୀ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପୁଲୱାମା ଆକ୍ରମଣରେ ଶହୀଦ ଯବାନଙ୍କୁ ଦୀପଦାନ



ସତ୍ୟବାଦୀର ବସ୍‌ଷ୍ଟାଣ୍ଡ ନିକଟରେ ଥିବା ପଞ୍ଚସଖାଙ୍କ ସମ୍ମୁଖରେ ସ୍ଥାନୀୟ ଯୁବକମାନେ ଶହୀଦଙ୍କ ପାଇଁ ଦୀପଦାନ କରୁଛନ୍ତି।

ସାକ୍ଷୀଗୋପାଳ,୧୪।୨
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ପଞ୍ଚସଖାଙ୍କ ପାଖରେ ସ୍ଥାନୀୟ ଯୁବକ ଏକତ୍ରିତ ହୋଇ ପୁଲୱାମା ଆଟାକ୍‌ରେ ଶହୀଦ ଯବାନଙ୍କ ସ୍ମୃତି ଚାରଣ କରିବା ସହିତ ଦୀପଦାନ କରିଥିଲେ। ଏହି ସମୟରେ ମୁକେଶ ସାହୁ, ସତ୍ୟବ୍ରତ ସ୍ୱାଇଁ, ରଘୁନାଥ ସାହୁ, ସୂର୍ଯ୍ୟ ପ୍ରସାଦ ବେହେରା, ଚିନ୍ମୟୀ ଶତପଥୀ, ଆଶିଷ ପାତ୍ର, ଅର୍ଜୁନ ଜେନା, ବିଶ୍ୱନାଥ ମୁଦୁଲି, ସତ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗତ ୨୦୧୯ ମସିହା ଆଜିର ଦିନରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଆକ୍ରମଣରେ ପୁଲୱାମାଠାରେ ଭାରତର ଏକ ସେନା ଗାଡ଼ି ୪୦ ଯବାନଙ୍କୁ ନେଇ ଯାଉଥିବାବେଳେ ଏକ ବିସ୍ଫୋରକ ଭର୍ତ୍ତି କାର୍ ଧକ୍କା ଦେଇଥିଲେ। ଏଥିରେ ସମସ୍ତ ୪୦ ଜଣ ଯବାନ ତାଙ୍କ ପ୍ରାଣବଳି ଦେଇଥିଲେ। ଯବାନଙ୍କ ଏହି ବଳିଦାନକୁ ମନେ ପକାଇବାକୁ ଏହି ଦିବସକୁ କଳା ଦିବସ ଭାବେ ପାଳନ କରାଯାଇଥିଲା।

## ପୁଲୱାମା ଶହୀଦଙ୍କ ଉଦ୍ଦେଶ୍ୟରେ ଚାରାରୋପଣ

ପିପିଲି,୧୪।୨(ଦୁର୍ଗା ମାଧବ ମିଶ୍ର)

ପିପିଲି ଦାଣ୍ଡମୁକୁନ୍ଦପୁରସ୍ଥିତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲରେ ସରସ୍ୱତୀ ପୂଜା ବୁଧବାର ପାଳନ ହୋଇଯାଇଛି। ଏହି ଅବସରରେ ଦେଶର ଯବାନଙ୍କ ବଳିଦାନ ଓ ଏହି ଦିନରେ ପୁଲୱାମା ଶହୀଦ ଯବାନଙ୍କ ସମ୍ବନ୍ଧରେ ସମ୍ୟକ ଧାରଣା ଦିଆଯାଇଥିଲା। ପରେ ବୃକ୍ଷର ଉପକାରିତା ସମ୍ପର୍କରେ ଆଲୋକପାତ କରାଇ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ବୃକ୍ଷର ନାମ ସରସ୍ୱତୀ ରଖାଯାଇଥିବାବେଳେ ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଆଲୁମ୍ନି ସଦସ୍ୟ ମାୟାଧର ପୃଷ୍ଟି, ଅଜୟ ମହାନ୍ତି ଏବଂ ହେମନ୍ତ ସେଠୀ ପ୍ରମୁଖ ସାମିଲ ହୋଇ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଷଡ଼ଙ୍ଗୀଙ୍କ ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ନୂଆ- ଓର ସମୀକ୍ଷା କଲେ ବିଧାୟକ

ପିପିଲି,୧୪।୨(ଦୁର୍ଗା ମାଧବ ମିଶ୍ର)

ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ବୁଧବାର ଅଚାନକ ବାଇକ୍‌ରେ ଗାଁରେ ପହଞ୍ଚି ନୂଆ–ଓ କାର୍ଯ୍ୟକ୍ରମ କିଭଳି ତ୍ୱରାନ୍ୱିତ ହୋଇଛି, ତାହା ସମୀକ୍ଷା କରିଥିଲେ। ଏଥିସହ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ। ମଙ୍ଗଳପୁର ଓ ଦୁର୍ଗାଦାଶପୁର ପଞ୍ଚାୟତ ବାଇକ୍‌ରେ ଯାତ୍ରା କରି ସରକାରଙ୍କ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ସେପଟେ ନୂଆ–ଓ ମାଧ୍ୟମରେ ପିପିଲି ବ୍ଲକର ବିଭିନ୍ନ ପଞ୍ଚାୟତରେ ରାଜ୍ୟ ସରକାର ସହଯୋଗ ଯୋଗାଇ ଦେଇଥିବାରୁ ସ୍ଥାନୀୟ ଜନସାଧାରଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ପିପିଲି ବିଧାୟକ ମହାରଥୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଯାଜପୁରକୁ ହରାଇ ଅଇନିପୁର ଚାମ୍ପିୟନ

**ବୀରେନ୍ଦ୍ର ମେମୋରିଆଲ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ**

କଣାସ,୧୪।୨(ବିଭୂତି ଭୂଷଣ ତ୍ରିପାଠୀ)



ଅତିଥି ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

କଣାସ ବ୍ଲକ ଅଧୀନ ବଡ଼ାଲ ଗ୍ରାମ ପଞ୍ଚାୟତ ବଡ଼ଓରା ଗ୍ରାମ ଖେଳପଡ଼ିଆରେ ପ୍ରଥମ ବର୍ଷ ବୀରେନ୍ଦ୍ର ମେମୋରିଆଲ ଦିବାରାତ୍ର ଭଲିବଲ୍ ମ୍ୟାଚ୍ ମହାବୀର ଯୁବ କ୍ଲବ ଦ୍ୱାରା ମଙ୍ଗଳବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଖେଳାଯାଇଛି। ଏଥିରେ ଯାଜପୁର, ପୁରୀ, ବ୍ରହ୍ମଗିରି, ଅଇନିପୁର, ବଡ଼ଓରା, କଣାସ, ପୋଡାକେରା, ଅଣଟିରିଶ ୮ଟି ଦଳ ବିଭିନ୍ନ ଜିଲା ଓ ବ୍ଲକରୁ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ଯାଜପୁରକୁ ୨–୦ ଗୋଲରେ ପରାସ୍ତ କରି ଅଇନିପୁର ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ସଭାରେ ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷା ଅଧିକାରୀ ସର୍ବେଶ୍ୱର ଜେନା ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଡାଲ ସରପଞ୍ଚ ଧନେଶ୍ୱର ଲେଙ୍କା, ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଉପେନ୍ଦ୍ର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଚାମ୍ପିୟନ୍ ଦଳକୁ ଚାମ୍ପିୟନ ଟ୍ରଫି ସହ ୧୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ରନର୍ସ ଟ୍ରଫି ସହ ୭ ହଜାର ଟଙ୍କା ପ୍ରଦାନ କରିଥିଲେ। ପ୍ରକାଶ ପରିଡ଼ା, ବିଭୂତିଭୂଷଣ ସାହୁ, ମନୋଜ ଜେନା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମହାବୀର ଯୁବ କ୍ଲବର ସମସ୍ତ ସଦସ୍ୟ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ।

# ରୋଗୀଙ୍କୁ ଘରୋଇ କ୍ଲିନିକ୍‌କୁ ପଠାଉଛନ୍ତି ଡାକ୍ତର

**ଜିଲା ମୁଖ୍ୟ ଚିକିତ୍ସାଳୟରେ ଏମିତି ଚାଲିଛି ସେବା**

ପୁରୀ,୧୪।୨(ଅଜିତ୍ ମହାନ୍ତି)

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅନେକ ଡାକ୍ତର ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିବାବେଳେ ସେମାନଙ୍କ ମନମୁଖୀ କାର୍ଯ୍ୟ ନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ମାତ୍ର ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏବେ କର୍ତ୍ତୃପକ୍ଷଙ୍କ ସ୍ୱଚ୍ଛତା ଓ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ପେଣ୍ଠକଟା ମେରାଇନ୍ ଥାନା ଅନ୍ତର୍ଗତ ବାଲିଗୁଆଳି ଅଞ୍ଚଳର ବିକ୍ରମ କେଶରୀ ପ୍ରଧାନ ଅଭିଯୋଗ କରିଛନ୍ତି ଯେ, ଗତମାସ ୨ ତାରିଖରେ ସେ ତାଙ୍କ ଜେଜେ ଘନ ପ୍ରଧାନଙ୍କୁ ଅସୁସ୍ଥତା ଯୋଗୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପଞ୍ଜୀକରଣ କରି ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ଦେଖାଇଥିଲେ। ସେ ରୋଗୀଙ୍କୁ ଦେଖି କିଛି ପରୀକ୍ଷା କରାଇବା ପାଇଁ ଲେଖିଥିଲେ। ଉକ୍ତ ପରୀକ୍ଷାଗୁଡ଼ିକ ଡାକ୍ତରଙ୍କ କହିବା ଅନୁଯାୟୀ ବାହାରେ ଘରୋଇ ଲ୍ୟାବ୍‌ରେ କରାଯାଇଥିଲା। ପରେ ରିପୋର୍ଟଗୁଡ଼ିକ ନେଇ ପୁନର୍ବାର ଡାକ୍ତରଙ୍କୁ ଦେଖାଇବା ପରେ ଡାକ୍ତର ରୋଗ ବିଷୟରେ କିଛି ନ କହି ପ୍ରେସ୍କ୍ରିପ୍ସନ ପଛରେ ତାଙ୍କ ମୋବାଇଲ ନମ୍ବର ଲେଖିଥିଲେ ଏବଂ ନିଜ ପ୍ରାଇଭେଟ କ୍ଲିନିକ ଠିକଣା ଦେଇ ପଠାଇଥିଲେ। ସେ ସେଠାକୁ ଯାଇଥିଲେ ମଧ୍ୟ କ୍ଲିନିକ ବନ୍ଦ ଥିବାରୁ ପୁଣି ମେଡିକାଲକୁ ଆସି ମେଡିସିନ ଲେଖିବା ପାଇଁ ଅନୁରୋଧ କରିଥିଲେ। ମାତ୍ର ସମ୍ପୃକ୍ତ ଡାକ୍ତର ମଧ୍ୟାହ୍ନ ୧୨ଟା ପରେ ସେହି ପ୍ରାଇଭେଟ କ୍ଲିନିକ୍ ଯିବା ପାଇଁ ପରାମର୍ଶ ଦେଇଥିଲେ।

ବିକ୍ରମ ସେଠାକୁ ଯିବାରୁ ସଂପୃକ୍ତ ଡାକ୍ତରଙ୍କୁ ଭେଟିଥିଲେ। ସେ କିଡ୍‌ନୀ ଖରାପ ହୋଇଯାଇଛି ବୋଲି କହିଥିଲେ। ପରେ ମେଡିସିନ କିଣି ତା'ର ବ୍ୟବାହର ଜାଣିବା ପାଇଁ ସଂପୃକ୍ତ ଡାକ୍ତରଙ୍କୁ ଯୋଗାଯୋଗ କରିବାରେ ଡାକ୍ତର ତାଙ୍କୁ ଦୁର୍ବ୍ୟବହାର କରି ଫୋନ କାଟିଦେଇଥିଲେ। ପରେ ବିକ୍ରମଙ୍କ ସନ୍ଦେହ ହେବାରୁ ସେ ଗତ ମାସ ୪ ତାରିଖରେ ଅସୁସ୍ଥ ଜେଜେଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲ ନେଇଥିଲେ। ଡାକ୍ତର ପରୀକ୍ଷା କରି କିଡ୍‌ନୀ ଭଲ ଥିବା କହିଥିଲେ। କେବଳ ପରିସ୍ରା ସଂକ୍ରମଣ ହୋଇଛି ଓ ମେଡିସିନ ଖାଇଲେ ସୁସ୍ଥ ହୋଇଯିବେ ବୋଲି କହିଥିଲେ। ବିକ୍ରମ ଗତ ମାସ ୯ ତାରିଖରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଜାତା ମିଶ୍ରଙ୍କୁ ଭେଟି ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଅଭିଯୋଗ କରିଥିଲେ। ପରେ ପୁଣି ଗତ ୩୦ତାରିଖରେ ପୁନର୍ବାର ସିଡିଏମ୍‌ଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେବେ ସଂପୃକ୍ତ ଡାକ୍ତରଙ୍କ ନାମରେ ପୂର୍ବରୁ ତାଙ୍କ ନିକଟରେ ଅଭିଯୋଗ ରହିଛି ଏବଂ ଏନେଇ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ତଦନ୍ତ ପାଇଁ ଅବଗତ କରାଯିବ ବୋଲି କହିଥିଲେ। ଏହାସତ୍ତ୍ୱେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଚୁପ୍ ବସିଛନ୍ତି। ବିକ୍ରମ ଏ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ସୂଚନା ଦେଇଛନ୍ତି।

**୨୦ଗ୍ରାମ ବ୍ରାଉନସୁଗାର ଜବତ, ଯୁବକ ଗିରଫ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ବେଆଇନ ଭାବେ ବ୍ରାଉନସୁଗାର ବେପାର କରୁଥିବାବେଳେ ଲକ୍ଷ୍ମୀସାଗର ଥାନା ପୋଲିସ ସ୍ଥାନୀୟ ଗଙ୍ଗୁଆ ନାଳ ବ୍ରିଜ ପାଖରେ ଚଢାଉ କରି ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବାଲେଶ୍ୱରର ମହମ୍ମଦ ଅକିଲ। ତାଙ୍କଠାରୁ ୨୦ ଗ୍ରାମ ବ୍ରାଉନସୁଗାର ଓ ଅପରାଧରେ ବ୍ୟବହୃତ ମୋଟରସାଇକେଲ ଜବତ ହୋଇଛି। ଜାମିନ ନ ମିଳିବାରୁ ଅକିଲଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୨ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

**ସଂକ୍ଷେପରେ**

## ନାବାଳିକାଙ୍କୁ ଅପହରଣ, ଯୁବକ ଗିରଫ

ଭୁବନେଶ୍ୱର,୧୪।୨(ସୂର୍ଯ୍ୟକାନ୍ତ ବେହେରା)

ଘରେ କେହି ନ ଥିବା ବେଳେ ଜଣେ ନାବାଳିକାଙ୍କୁ ଅପହରଣ କରି ବ୍ରହ୍ମପୁରର ଏକ ଘରେ ଅଟକ ରଖିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଏହାସହ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ସତ୍ୟନଗର ବସ୍ତିର ଆଶିଷ ଦାସ। ତାଙ୍କଠାରୁ ଅପରାଧରେ ବ୍ୟବହୃତ ବାଇକକୁ ମଧ୍ୟ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଆଶିଷଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଅଭିଯୁକ୍ତ ଆଶିଷ ଓ ପୀଡିତା ନାବାଳିକା ଗତ ୬ ମାସ ପୂର୍ବରୁ ପରିଚିତ ହୋଇଥିଲେ। ଗତ ୭ ତାରିଖରେ ନାବାଳିକା ଘରେ ଏକୁଟିଆ ଥିବାବେଳେ ଅଭିଯୁକ୍ତ ଜଣକ ତାଙ୍କୁ ଅପହରଣ କରି ବାଇକରେ ବ୍ରହ୍ମପୁର ନେଇଯାଇଥିଲେ। ପରେ ଗୋଳନ୍ଥରା ଥାନା ଅନ୍ତର୍ଗତ କାଣୀସି ଗ୍ରାମରେ ଗୋଟିଏ ଭଡାଘରେ ତାଙ୍କୁ ଅଟକ ରଖିଥିଲେ। ଏନେଇ ନାବାଳିକାଙ୍କ ମାଆ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ ୭୪/୨୦୨୪) ରୁଜୁ କରି ତଦନ୍ତ କରିଥିଲା।

# ଦୀପ ନିଆଁରୁ ଭୟାବହ ଅଗ୍ନିକାଣ୍ଡ

**୧୦ରୁ ଊର୍ଦ୍ଧ୍ୱ ଘର, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଗଲା**

ଭୁବନେଶ୍ୱର,୧୪।୨(ସୂର୍ଯ୍ୟକାନ୍ତ ବେହେରା)


ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।


ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ମେୟର ସୁଲୋଚନା ଦାସ ଘଟଣାସ୍ଥଳ ଅନୁଧ୍ୟାନ କରୁଛନ୍ତି।

ସରସ୍ୱତୀ ପୂଜାରେ ବୁଧବାର ରାଜଧାନୀରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଠାକୁରଙ୍କ ପାଖରେ ଲାଗିଥିବା ଦୀପରୁ ନିଆଁ ଲାଗି ୧୦ରୁ ଊର୍ଦ୍ଧ୍ୱ ଘର ଜଳିଯାଇଛି। କଳ୍ପନାଛକ ନିକଟ ତେଲୁଗୁ ବସ୍ତିରେ ଏହି ଭୟାବହ ଅଗ୍ନିକାଣ୍ଡ ଘଟିଥିବାବେଳେ ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ୫ ଘର ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ଆଉ ୫ରୁ ଅଧିକ ଘର ଅଧା ଓ ଆଂଶିକ ପୋଡ଼ିଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ଖବର ପାଇ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ବସ୍ତି ବାସିନ୍ଦାଙ୍କ ସହ ଆଲୋଚନା କରି ସହାୟତା ନିମନ୍ତେ ଆଶ୍ୱାସନା ଦେଇଛନ୍ତି।

ଘର ପୋଡି ଯାଇଥିବା ଅଧିକାଂଶ ପରିବାର ଲୋକ ଦିନ ମଜୁରିଆ ଭାବେ କାମ କରନ୍ତି। କେତେଜଣ ଚାଳ ଛପର ତଳେ ମୁଣ୍ଡ ଗୁଞ୍ଜିଥିବାବେଳେ ଆଉ କେତେଜଣ ପାଲଟାଣି ରହୁଛନ୍ତି। ବସ୍ତିବାସିନ୍ଦାଙ୍କ କହିବାନୁସାରେ, ବସ୍ତିର ଏକ ପରିବାର ଠାକୁର ପୂଜା ସମୟରେ ଦୀପ ଲଗାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ୧୦ରେ ସେହି ଦୀପରୁ ନିଆଁ ଏକ ଲୁଗାରେ ଲାଗିଯିବା ପରେ ଚାଳ ଛପରକୁ ବ୍ୟାପିଯାଇଥିଲା। ହଠାତ ନିଆଁ ଲାଗିଯିବା ଦେଖି ବସ୍ତିର ଲୋକେ ତାହାକୁ ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ଘରଗୁଡିକ ଲାଗି ଲାଗି ରହିଥିବାରୁ ଓ ଅଧିକାଂଶ ଘର ଛପର ପଲିଥିନ ତଥା ଛଣରେ ହୋଇଥିବାରୁ କିଛିକ୍ଷଣ ମଧ୍ୟରେ ନିଆଁ ଚାରିଆଡକୁ ମାଡ଼ିଯାଇଥିଲା। ଏପରିକି ସମସ୍ତଙ୍କ ଘର ଭିତରେ ଗ୍ୟାସ ଟାଙ୍କି ଥିବାରୁ କାଳେ ନିଆଁ ଲାଗି ଫାଟିଯିବ ସେହି ଭୟରେ ଆଉ କେହି ନିଆଁ ଲାଗିଥିବା ଘର ପାଖକୁ ଯାଇ ନ ଥିଲେ। ଦୂରରୁ ଥାଇ ଯିଏ ଯେମିତି ପାରିଲା ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ଦେଖୁ ଦେଖୁ ୧୦ରୁ ଊର୍ଦ୍ଧ୍ୱ ଘର ହୁତୁହୁତୁ ହୋଇ ଜଳିବା ସହ ପୂରା ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଖବର ପାଇ ନିକଟରେ ଥିବା କଳ୍ପନା ଦମକଳ କେନ୍ଦ୍ରରୁ ଅଗ୍ନିଶମ ବାହିନୀ ପହଞ୍ଚି ତୁରନ୍ତ ନିଆଁକୁ ଲିଭାଇବାକୁ ଉଦ୍ୟମ କରିଥିଲେ। ୧୦ରୁ ଅଧିକ କର୍ମଚାରୀ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଥିଲେ। ବହୁ ସମୟ ପରେ ନିଆଁ ଆୟତ୍ତ ହୋଇଥିଲେ ମଧ୍ୟ ସେତେବେଳକୁ ବିପୁଳ ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଥିଲା। କେତେଜଣ ଲୋକ ଘରେ ତାଲା ପକାଇ କାମକୁ ଯାଇଥିବାରୁ ସେମାନଙ୍କ ଘରୁ ଜିନିଷପତ୍ର ଉଦ୍ଧାର କରାଯାଇପାରି ନ ଥିଲା। ସେହିଭଳି ଘରର ପ୍ରବେଶ ପଥ ଅଣଓସାରିଆ ଥିବାରୁ ନିଆଁ ଲିଭା ଓ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା।

## ୧୬ରେ ଜଗତ୍‌ସିଂହପୁର ଜିଲା ବିକାଶ ପରିଷଦ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୪।୨(ଶର୍ମିଷ୍ଠା ପାଣିଗ୍ରାହୀ)

ଜଗତସିଂହପୁର ଜିଲା ବିକାଶ ପରିଷଦର ବାର୍ଷିକ ଉତ୍ସବ ଆସନ୍ତା ୧୬ ତାରିଖ ଅପରାହ୍ନ ୪ଟାରେ ସୂଚନା ଭବନରେ ଅନୁଷ୍ଠିତ ହେବ। ମା' ଶାରଳାଙ୍କ ଆଜ୍ଞାମାଳ ସ୍ଥାପନ ପରେ ଆରମ୍ଭ ହେବାକୁ ଥିବା ଉତ୍ସବରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସାମାଜିକ କର୍ମୀ ତଥା ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ, ଲୋକସେବକ ମଣ୍ଡଳ (ଓଡ଼ିଶା ଶାଖା)ର ଅଧ୍ୟକ୍ଷ ନିରଞ୍ଜନ ରଥ, ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡ. ସନ୍ତୋଷ କୁମାର ତ୍ରିପାଠୀ ପ୍ରମୁଖ ଅତିଥି ଭାବରେ ଯୋଗଦେବେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଜିଲାର ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ପରିଷଦର ବାର୍ଷିକ ମୁଖପତ୍ର 'ପ୍ରଜ୍ଞାଶ୍ରୀ' ଲୋକାର୍ପିତ ହେବ। କାର୍ଯ୍ୟକ୍ରମରେ ଯୋଗଦେବାକୁ ପରିଷଦ ସଭାପତି ଅଜୟ କୁମାର ଦାସ, ସମ୍ପାଦକ ଡ. ସୌଭାଗ୍ୟ ରାଉତରାୟ ଓ ଅନୁଷ୍ଠାନର ମୁଖ୍ୟ ସଂଯୋଜକ ସୂର୍ଯ୍ୟରଞ୍ଜନ ମହାନ୍ତି ଭୁବନେଶ୍ୱରରେ ଥିବା ଜଗତସିଂହପୁରବାସୀଙ୍କୁ ନିବେଦନ କରିଛନ୍ତି।

## ଓକେସିଏଲ୍ ବାର୍ଷିକ ମିଳନ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡର ବାର୍ଷିକ ମିଳନ- ୨୦୨୪ କିମ୍ସ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧ହଜାରରୁ ଊର୍ଦ୍ଧ୍ୱ ଓକେସିଏଲ ସହଭାଗୀ କମ୍ପ୍ୟୁଟର ତାଲିମ କେନ୍ଦ୍ରର ପରିଚାଳକ, ଜିଲା ସଂଯୋଜକ ତଥା ଓକେସିଏଲ ମୁଖ୍ୟ କାର୍ଯ୍ୟାଳୟର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଳ ଉତ୍ସବକୁ ଉଦଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଡିଜିଟାଲ କ୍ୟୁରୋସିଟି, ଡିଜିଟାଲ ସାମର୍ଥ୍ୟ ଓ ଭବିଷ୍ୟତର ନିଯୁକ୍ତି କ୍ଷେତ୍ର ତଥା ଏଥିପାଇଁ ଆବଶ୍ୟକ ହେଉଥିବା କୌଶଳ ସମ୍ବନ୍ଧରେ ବିସ୍ତୃତଭାବରେ ବିଶ୍ଳେଷଣ କରିଥିଲେ। ଉକ୍ତ ଉତ୍ସବରେ ବିଶିଷ୍ଟ ଲେଖକ ତଥା ଦାର୍ଶନିକ ପ୍ରଫେସର ଅନନ୍ତ ଗିରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡିଜିଟାଲ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଓକେସିଏଲର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ସେ ବ୍ୟବସାୟ କ୍ଷେତ୍ରରେ ନେତୃତ୍ୱ ଓ ଗୁରୁତ୍ୱ ଉପରେ ସାରଗର୍ଭକ ଆଲୋଚନା କରିଥିଲେ। ଉତ୍ସବରେ ଓକେସିଏଲର ପଦାଧିକାରୀମାନେ ବିଭିନ୍ନ ପ୍ରଯୁକ୍ତିବିଦ୍ୟା, ଆଧୁନିକ ଜ୍ଞାନକୌଶଳ, ନୂତନ ନିଯୁକ୍ତି କ୍ଷେତ୍ର ପାଇଁ ଆବଶ୍ୟକ କୌଶଳ ବିକାଶ ତଥା ପାଠ୍ୟକ୍ରମ ଉପରେ ଉପସ୍ଥାପନା କରିଥିଲେ। ଓକେସିଏଲର ବରିଷ୍ଠ ସାଧାରଣ ପ୍ରଶାସିକା ସସ୍ମିତାପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁସହଭାଗୀ ତାଲିମ କେନ୍ଦ୍ର ତଥା ଜିଲା ସଂଯୋଜକମାନଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛଉନୃତ୍ୟ, ଗୋଟିପୁଅ ନୃତ୍ୟ, ରଣପା ନୃତ୍ୟ, ସାନ୍ତାଳୀ ନୃତ୍ୟତଥା ଓଡ଼ିଶୀ ନୃତ୍ୟପରିବେଷଣ କରାଯାଇଥିଲା।

# କିଟ୍ ଫେଷ୍ଟ ଉଦ୍‌ଘାଟିତ




ଭୁବନେଶ୍ୱର, ୧୪।୨(ଅସମାପିକା ସାହୁ)

**୧୬ରେ ମୁଖ୍ୟ ଆକର୍ଷଣ ଜୁବିନ**

ସର୍ବବୃହତ୍ ଟେକ୍ନୋ-କଲ୍‌ଚରାଲ ଫେଷ୍ଟିଭାଲ 'କିଟ୍ ଫେଷ୍ଟ'ର ୭ମ ସଂସ୍କରଣ ବୁଧବାରଠାରୁ ଆରମ୍ଭ ହୋଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହାକୁ ଉଦ୍‌ଘାଟନ କରିଛନ୍ତି। କିଟ୍ ସମେତ ଦେଶର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ୧୫ହଜାର ଛାତ୍ରୀଛାତ୍ର ଯୋଗଦେଇ ନିଜର ସର୍ଜନଶୀଳତା ଓ ଦକ୍ଷତା ପ୍ରଦର୍ଶନ କରୁଛନ୍ତି। ଅତି ଶୃଙ୍ଖଳିତ ଢଙ୍ଗରେ କିଟ୍ ଫେଷ୍ଟ ୨୦୨୪ ଆୟୋଜନ ହୋଇଥିବାବେଳେ ଦିନ ତମାମ କଳା, ସଂସ୍କୃତି, ସାହିତ୍ୟ ଓ ବୈଷୟିକ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ସୁହାନା ସଫର ଉଇଥ୍ ରଫି, କିଶୋର, ଲତା ଆଣ୍ଡ୍ କେକେ ସହ ତାଳଦେଇ ଝୁମିଥିଲେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର। ତିନିଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ଛାତ୍ରୀଛାତ୍ରମାନେ ବିଭିନ୍ନ ବୈଷୟିକ ଓ ସାଂସ୍କୃତିକ ପ୍ରତିଯୋଗିତାରେ ଭାଗନେବେ। ଏଥିରେ ମୋଟ ୨୫ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ୧୫ ତାରିଖରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କଳାକାର ନିଉକ୍ଲିଆଙ୍କ ପ୍ରଦର୍ଶନ ରହିଥିବାବେଳେ ୧୬ତାରିଖ ଷ୍ଟାର ନାଇଟ୍‌ର ମୁଖ୍ୟ ଆକର୍ଷଣ ହେଉଛନ୍ତି ବିଶିଷ୍ଟ ବଲିଉଡ୍ କଣ୍ଠଶିଳ୍ପୀ ଜୁବିନ୍ ନଉଟିଆଲ। ତେବେ ଉଦ୍‌ଘାଟନୀ ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଓ ଅତିରିକ୍ତ କୁଳସଚିବ ଡ. ଶ୍ୟାମସୁନ୍ଦର ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିନେତା ଚକ୍ରଧର ଜେନାଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୪।୨(ଶର୍ମିଷ୍ଠା ପାଣିଗ୍ରାହୀ)

ଅଭିନେତା ଚକ୍ରଧର ଜେନାଙ୍କ ବିୟୋଗରେ ସିନେ କ୍ରିଟିକ ଆସୋସିଏଶନ ଏବଂ ଦର୍ଶକ ମ୍ୟୁଜିକ ଆଣ୍ଡ୍ ଫିଲ୍ମସ ପକ୍ଷରୁ ବୁଦ୍ଧ ମନ୍ଦିର ପରିସରରେ ବୁଧବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ କଳାକାର, ଶିଳ୍ପୀ ଯୋଗଦେଇ ଚକ୍ରଧରଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଚକ୍ରଧରଙ୍କ ଓଡ଼ିଆ ଶିଳ୍ପ ପ୍ରତି ରହିଥିବା ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଦୋଷ ପଟ୍ଟନାୟକ, ଦିଲୀପ ହାଲି, ପ୍ରଣବ ଦାସ, ରବୀନ୍ଦ୍ର ବିଶ୍ୱାଳ, ଡ. ରଜନୀ ରଞ୍ଜନ, ଶ୍ରୀଧର ମାର୍ଥାଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଯୋଗଦେଇ ସ୍ମୃତିଚାରଣ କରିଥି ଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ପ୍ରଯୋଜକ ଲୁଟୁ ମହାନ୍ତି।

## ପ୍ରଦର୍ଶନ ହେବ ବିଶ୍ୱର ବିରଳ ଡାକ ଟିକେଟ

ଭୁବନେଶ୍ୱର,୧୪।୨(ଶର୍ମିଷ୍ଠା ପାଣିଗ୍ରାହୀ)

**୧୬ରୁ ଡାକ ଟିକେଟ ମେଳା**

- ଉନ୍ମୋଚନ ହେବ ୫ ପ୍ରତୀକ ଥିବା ଲଫାପା, ପୋଷ୍ଟକାର୍ଡ

ପୂର୍ବ ଭାରତର ଡାକଟିକେଟ ସଂଗ୍ରାହକ ସଂଘ (ଇଷ୍ଟର୍ନ ଇଣ୍ଡିଆ ଫିଲାଟେଲିଷ୍ଟ ଆସୋସିଏଶନ୍ ବା ଇପା) ୨୫ତମ ବର୍ଷରେ ପଦାର୍ପଣ କରିଛି। ସଂଘର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଆସନ୍ତା ୧୬ରୁ ୧୮ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଏକ ହୋଟେଲରେ ଡାକଟିକେଟ ପ୍ରଦର୍ଶନୀ ଓ ମେଳା ଅନୁଷ୍ଠିତ ହେବ। ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ଅଧ୍ୟକ୍ଷ ଦୁର୍ଗାଦତ୍ତ ରାଉତରାୟ ଓ ସମ୍ପାଦକ ଶାନ୍ତିସ୍ୱରୂପ ରଥ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି ମେଳା ପୂର୍ବାହ୍ନ ୧୦ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ଏଥିସହିତ ଡାକଟିକେଟ ସଂଗ୍ରହ ବକ୍ତବ୍ୟ, ଡାକଟିକେଟ ନିଲାମ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ଜାତୀୟ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଡାକଟିକେଟ ସଂଗ୍ରାହକଙ୍କ ଦ୍ୱାରା ସଂଗୃହୀତ ବିରଳ ଡାକଟିକେଟ ୫୦ଟି ଫ୍ରେମ୍‌ରେ ପ୍ରଦର୍ଶିତ ହେବ। ଏହାସହିତ ୧୫ଜଣ ବିକ୍ରେତାଙ୍କ ଷ୍ଟଲ୍ ରହିବ। ଭାରତୀୟ ଡାକ ବିଭାଗ ପକ୍ଷରୁ ମଧ୍ୟ 'ମାଇଁ ଷ୍ଟାମ୍ପ୍ ଷ୍ଟଲ୍' ରହିବା ସହିତ ବିଭିନ୍ନ ପ୍ରକାର ସ୍ମରଣୀୟ ଡାକଟିକେଟ ତଥା ପ୍ରଥମ ଦିବସ ଲଫାପା ଉପଲବ୍ଧ ହେବ। ସେହିପରି ରାଜ୍ୟର ୫ଟି ପ୍ରତୀକ ଯଥା ଅଶ୍ୱତ୍ଥ ବୃକ୍ଷ, ଶମ୍ବର, ଭଦଭଦଳିଆ ପକ୍ଷୀ, ମହାନଦୀ ମହାସୀର ମାଛ ଓ ଅଶୋକ ଫୁଲ ସ୍ଥାନିତ ଥିବା ପାଞ୍ଚଟି ପିକ୍ଚର ପୋଷ୍ଟକାର୍ଡ ଓ ଦୁଇଟି ସ୍ମାରକୀ ଲଫାପା ଉନ୍ମୋଚନ ହେବା ନେଇ ସଂଘର ବରିଷ୍ଠ ସଦସ୍ୟ ଦେବାଶିଷ ମିତ୍ର ସୂଚନା ଦେଇଛନ୍ତି। ଐତିହାସିକ ଅନୀଲ ଧୀର ଡାକଟିକେଟକୁ କିଭଳି ଭାବେ ଶିକ୍ଷାରେ ଯୋଡ଼ିହେବ ସେନେଇ ଆଲୋଚନା କରିଥିଲେ। ଖବରଦାତା ସମ୍ମିଳନୀରେ କୋଷାଧ୍ୟକ୍ଷ ବିଭୁଦତ୍ତ ମିଶ୍ର, ସଭ୍ୟ ଚିତ୍ତରଞ୍ଜନ ଦାସ ଓ ପ୍ରମୋଦ କୁମାର ସାହୁ ଉପସ୍ଥିତ ଥିଲେ।

## ଜେଇଇ ମେନ୍‌ରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ସଫଳତା

ଭୁବନେଶ୍ୱର, ୧୪।୨(ଅସମାପିକା ସାହୁ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଜାତୀୟ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ମେନ୍ ସେସନ-୧ ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର କେଶବ ରଞ୍ଜନ ୯୯.୯୧ ପର୍ସେଣ୍ଟାଇଲ୍ ରଖି ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସ୍କୁଲର ୧୯ଜଣ ଛାତ୍ରୀଛାତ୍ର ୯୯ ପର୍ସେଣ୍ଟାଇଲ ରଖିଥିବାବେଳେ ୨୯ଜଣ ଛାତ୍ରୀଛାତ୍ର ୯୫ ପର୍ସେଣ୍ଟାଇଲ ଓ ୪୩ଜଣ ଛାତ୍ରୀଛାତ୍ର ୯୦ ପର୍ସେଣ୍ଟାଇଲରୁ ଅଧିକ ରଖିଛନ୍ତି। ଅନୁଜ ସୁବୁଦ୍ଧି ୯୯.୮୬, ଶ୍ରେୟାଂଶ ବିକାଶ ମିଶ୍ର ୯୯.୮୨, ନୀତିଶ ନମନ୍ ପରିଡ଼ା ୯୯.୭୯, ସତ୍ୟପ୍ରକାଶ କର ୯୯.୭୧, ଶିବମ୍ ସୁନ୍ଦର ମହାକୁଡ଼ ୯୯.୬୯, ଦୀପ୍ତାଂଶୁ ପ୍ରତେୟ ୯୯.୬୭, ବିଶ୍ୱଭୂଷଣ ସାମଲ ୯୯.୫୨, ଓମ୍ ଅମ୍ରିତ୍ ମହାନ୍ତି ୯୯.୪, ବିଷ୍ଣୁ ପ୍ରସାଦ ମହାପାତ୍ର ୯୯.୩୭ ପର୍ସେଣ୍ଟାଇଲ୍ ରଖି ସ୍କୁଲ୍ ପାଇଁ ଗୌରବ ଆଣିଥିବାବେଳେ ଆହୁରି ବହୁ ଛାତ୍ରୀଛାତ୍ର ଭଲ ପର୍ସେଣ୍ଟାଇଲ ରଖି ସଫଳ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତାରେ ସ୍କୁଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ସରକାରଙ୍କୁ ବରିଷ୍ଠ ନାଗରିକ ମହାସଂଘର କୃତଜ୍ଞତା

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ସାମାଜିକ ସୁରକ୍ଷା ଯୋଜନା ଅର୍ନ୍ତଭୁକ୍ତ ହିତାଧିକାରୀଙ୍କ ମାସିକ ମଧୁବାବୁ ପେନସନ ୫୦୦ ଟଙ୍କା ବୃଦ୍ଧି ପାଇଛି। ଏନେଇ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ରାଜ୍ୟସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସଂଘ ମଞ୍ଚରୁ ଏହି ପେନସନ ବୃଦ୍ଧି ନେଇ ବାରମ୍ବାର ଦାବୀ ହୋଇଆସୁଥିଲା। ତେଣୁ ପେନସନ ବୃଦ୍ଧି ଫଳରେ ବରିଷ୍ଠ ନାଗରିକମାନେ ଉପକୃତ ହେବେ ବୋଲି ଆଶା ରଖିଥିବା ମହାସଂଘର ସଭାପତି ଡ. ପିକେ ଦାସ, କାର୍ଯ୍ୟକାରୀ ସଭାପତି ଗିରିଜା ନନ୍ଦନ ମହାନ୍ତି, ସାଧାରଣ ସମ୍ପାଦକ ରାଜକିଶୋର ସାମନ୍ତରାୟ କହିଛନ୍ତି। ଯେଉଁମାନେ ୫୦୦ ଟଙ୍କା ପାଉଥିଲେ ସେମାନେ ୧୦୦୦ଟଙ୍କା ପାଇବେ। ସେହିପରି ୭୦୦ ଟଙ୍କା ପାଉଥିବା ବରିଷ୍ଠ ନାଗରିକ ୧୨୦୦ଟଙ୍କା ଏବଂ ୯୦୦ ଟଙ୍କା ପାଉଥିବା ନାଗରିକ ୧୪୦୦ଟଙ୍କା ପାଇବେ। ଏନେଇ ମହାସଂଘର ସଦସ୍ୟ ମୁଖ୍ୟମନ୍ତ୍ରୀ ଓ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସାଧାରଣ ନିର୍ବାଚନ ପାଇଁ ପୋଲିସ ବୈଠକ



ଭୁବନେଶ୍ୱର,୧୪।୨(ସତ୍ୟଜିତ୍ ରାଉତ)

ଆସନ୍ତା ସାଧାରଣ ନିର୍ବାଚନ ବେଳେ ଅସାମାଜିକ ଯୁବକ ଓ ଅପରାଧୀମାନେ ବିଭିନ୍ନ ଧରଣର ବିଶୃଙ୍ଖଳା ସୃଷ୍ଟି କରିପାରନ୍ତି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ଶୃଙ୍ଖଳିତ ନିର୍ବାଚନ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ବୁଧବାର ଗୀତଗୋବିନ୍ଦ ସଦନରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା ପକ୍ଷରୁ ସ୍ୱତନ୍ତ୍ର ବୈଠକ ବସି ଅନେକ ଦିଗ ଉପରେ ଆଲୋଚନା କରାଯାଇଛି। ବୈଠକରେ ଉପସ୍ଥିତ ଥିବା ସମସ୍ତ ଜୋନ୍ ଏସିପି, ଥାନା ଅଧିକାରୀ ଏବଂ ନୋଡାଲ ଅଫିସର ଦାୟିତ୍ୱରେ ରହିବାକୁ ଥିବା ଏସ୍‌ଆଇଙ୍କୁ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ବିଭିନ୍ନ ପରାମର୍ଶ ଦେଇଥିଲେ। ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) କାର୍ଯ୍ୟକାରୀ କରିବାକୁ ଡିସିପି ସମସ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନିର୍ବାଚନ ସମୟରେ ବିଭିନ୍ନ ପ୍ରକାର ହିଂସା, ଗୋଷ୍ଠୀ ସଂଘର୍ଷ ଭଳି ଅପ୍ରୀତିକର ପରିସ୍ଥିତି ସମୟରେ ନିର୍ବାଚନ ଡ୍ୟୁଟିରେ ମୁତୟନ ପୋଲିସ କର୍ମଚାରୀଙ୍କ ଭୂମିକା କିଭଳି ରହିବା ଦରକାର ସେନେଇ ମଧ୍ୟ ସଂକ୍ଷିପ୍ତ ଟିପ୍ପଣୀ ଦେଇଥିଲେ। ଡିସିପି ସିଂ କହିଛନ୍ତି, ନିର୍ବାଚନବେଳେ ବିଶୃଙ୍ଖଳା ସୃଷ୍ଟି ଆଶଙ୍କା ଥିବାରୁ ଅଭ୍ୟାସଗତ ଅପରାଧୀ ଓ ଅସାମାଜିକଙ୍କ ଉପରେ ସ୍ୱତନ୍ତ୍ର ନଜର ରଖାଯିବ। ସେହିଭଳି ଲାଇସେନ୍ସ ନେଇ ବନ୍ଧୁକ ରଖିଥିବା ଲୋକଙ୍କ ତାଲିକା ମଧ୍ୟ ପ୍ରସ୍ତୁତ ହୋଇଛି। ସେମାନଙ୍କ ବନ୍ଧୁକ ପୋଲିସ ପାଖରେ ଦାଖଲ କରିବାକୁ କୁହାଯିବ। ଅଭ୍ୟାସଗତ ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ପ୍ରାୟ ୨୪୦୦ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଛି। ଏହି ଏନ୍‌ବିଡବ୍ଲ୍ୟୁକୁ କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱ ଦିଆଯାଉଛି। ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ସିଆର୍‌ପିସି-୧୧୦ ଏବଂ ନ୍ୟାଶନାଲ୍ ସିକ୍ୟୁରିଟି ଆକ୍ଟ (ଏନ୍‌ଏସ୍‌ଏ) ବଳରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବେଆଇନ ମଦ କାରବାର ରୋକିବାକୁ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି।

# ଅବକ୍ଷୟମୁଖୀ ଜଙ୍ଗଲ, ଶିକାର ହାତୀ ମୃତ୍ୟୁର କାରଣ

ଖୋର୍ଦ୍ଧା,୧୪।୨(ପ୍ରଭାତ ପାଣିଗ୍ରାହୀ)

- ଜଙ୍ଗଲର ଗୁଣାତ୍ମକ ମାନ ବୃଦ୍ଧି, କରିଡର ନିର୍ମାଣ ତ୍ୱରାନ୍ୱିତ କରାଯାଉ
- ଶିକାରୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି



ଚନ୍ଦକା ବନ୍ୟପ୍ରାଣୀ ବିଭାଗ ଭରତପୁର ଜଙ୍ଗଲରେ ବୋମା ବିସ୍ଫୋରଣରେ ଆହତ ଦନ୍ତାହାତୀର ସୋମବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଗତବର୍ଷ କେରଳରେ ମଧ୍ୟ ଏଭଳି ଏକ ଘଟଣା ଘଟିଥିଲା। ତେବେ ବନ୍ୟଜନ୍ତୁ ଶିକାର ପାଇଁ ଶିକାରୀଙ୍କ ଏଭଳି କାର୍ଯ୍ୟଶୈଳୀକୁ ନେଇ ପରିବେଶବିତ୍ ଚିନ୍ତାପ୍ରକାଟ କରିଛନ୍ତି। ବାରହା ନା ହାତୀ ଶିକାର ପାଇଁ ଶିକାରୀ ଏଭଳି ପ୍ରୟାସ କରିଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣା ପଛରେ ସ୍ଥାନୀୟ ଶିକାରୀ ବା ର୍‍ୟାକେଟ କାମ କରୁଛି, ଏହାର ପର୍ଦ୍ଦାଫାଶ ହେବା ଆବଶ୍ୟକ ବୋଲି ବିଭିନ୍ନ ମହଲରୁ ଦାବି ହେଉଛି।

ଏସମ୍ପର୍କରେ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କୁହନ୍ତି, କେରଳ ପରେ ଓଡ଼ିଶାରେ ଏଭଳି ଘଟଣାର ପୁନରାବୃତ୍ତି ଘଟିଛି। ତେବେ ଏହା ଜଙ୍ଗଲ ଭିତରେ ଘଟିଥିବାରୁ ଜଙ୍ଗଲ ବିଭାଗ ଅଧିକ ସତର୍କତା ଅବଲମ୍ବନ କରିବା ଜରୁରୀ। ବନ୍ୟପ୍ରାଣୀ ଶିକାରୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଜରୁରୀ। ଇତିହାସ କହେ ଗଙ୍ଗବଂଶ ରାଜା ଚୋଡ଼ଗଙ୍ଗ ଦେବଙ୍କ ନିକଟରେ ୯୯ହଜାର ହାତୀ ରହିଥିଲେ। ସେହି ସମୟରେ ଓଡ଼ିଶାରେ ଲକ୍ଷେ ଉପରେ ହାତୀ ରହିଥିବାବେଳେ ଏହି ସଂଖ୍ୟା କ୍ରମାଗତ ହ୍ରାସ ପାଇ ୨୦୧୭ ବେଳକୁ ଓଡ଼ିଶାରେ ମାତ୍ର ୧୯୬୭ ହାତୀ ରହିଥିଲେ। ୨୦୧୮ରୁ ୨୦୨୩ ମଧ୍ୟରେ ପ୍ରାୟ ୬୦୦ ହାତୀଙ୍କ ଜୀବନ ଯାଇଛି। ଏଭଳି ଚାଲିଲେ, ହାତୀବଂଶ ଲୋପ ପାଇଯିବାର ସମ୍ଭାବନା ରହିଛି। କେବଳ ହାତୀ ନୁହେଁ ସମସ୍ତ ବନ୍ୟଜନ୍ତୁଙ୍କ ସୁରକ୍ଷା ସଂରକ୍ଷଣ ଜରୁରୀ। ରାଜ୍ୟରେ ହାତୀଦାନ୍ତ, ବାଘଛାଲ, ବ୍ରଜାକାପ୍ତା ଶିକାର ସଂଖ୍ୟା ବଢ଼ି ଚାଲିଛି। ବନ୍ୟଜନ୍ତୁ ଶିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେଲେ କେବଳ ହାତୀ ନୁହେଁ ଧୀରେ ଧୀରେ ସମସ୍ତ ବନ୍ୟଜନ୍ତୁଙ୍କ ସଂଖ୍ୟା ମଧ୍ୟ ଲୋପ ପାଇଯିବ ବୋଲି ପାଣିଗ୍ରାହୀ କହିଛନ୍ତି।

ହାତୀ ଜଙ୍ଗଲ ଛାଡ଼ି ସହରା ମୁହାଁ ହେବା ପଛରେ ଅନେକ କାରଣ ରହିଛି। ଜଙ୍ଗଲ ଅବକ୍ଷୟମୁଖୀ ହେବାରେ ଲାଗିଛି। ଦ୍ରୁତ ଶିଳ୍ପାୟନ, ରାସ୍ତା ସମ୍ପ୍ରସାରଣ, ରେଳଲାଇନ ପାଇଁ ଜଙ୍ଗଲ ଦିନକୁ ଦିନ କ୍ଷୟ ହେବାରେ ଲାଗିଛି। ପ୍ରତିବର୍ଷ ବିଭାଗ ପକ୍ଷରୁ ଡ୍ରୋନ ସର୍ଭେରେ ଜଙ୍ଗଲ ବଢ଼ିଥିବା ଦର୍ଶାଯାଉଥିବାବେଳେ ବାସ୍ତବ ଚିତ୍ର ଭିନ୍ନ ରହିଛି। ଏହାକୁ 'ଏମ୍ପ୍ଟି ଫରେଷ୍ଟ ସିଣ୍ଡ୍ରୋମ' ବୋଲି କୁହାଯାଏ। ଅର୍ଥାତ୍ ବାହାରୁ ଯାହା ଦେଖାଯାଉଛି, ତାହା ବାସ୍ତବରେ ସମ୍ପୂର୍ଣ୍ଣ ଅଲଗା ରହିଥାଏ। ଗୋଟିଏ ଜାଗାରେ ୫୦ଗଛ ରହିଥିବା ସର୍ଭେ କହୁଥିବାବେଳେ ସେଠାରେ ମାତ୍ର ୧୦ଟି ଗଛ ରହିଥିବା ପରବର୍ତ୍ତୀ ସମୟରେ ଜଣାପଡ଼ିଥାଏ। ଏଥିରୁ ସ୍ପଷ୍ଟ ଯେ, ଜଙ୍ଗଲର ଗୁଣାତ୍ମକ ମାନ ହ୍ରାସ ପାଇବାରେ ଲାଗିଛି। ଅବକ୍ଷୟମୁଖୀ ଜଙ୍ଗଲ ହାତୀ ମୃତ୍ୟୁର ଏକ ପ୍ରମୁଖ କାରଣ କହିଲେ ଅତ୍ୟୁକ୍ତି ହେବନି। ଏଥିପ୍ରତି ରାଜ୍ୟ ସରକାର ଏବଂ ଜଙ୍ଗଲ ବିଭାଗ ଚିନ୍ତନ କରିବା ଆବଶ୍ୟକ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଜଙ୍ଗଲ ଜଙ୍ଗଲ ମଧ୍ୟରେ ସଂଯୋଗୀକରଣ ବ୍ୟବସ୍ଥାର ଅଭାବ। ୨୦୧୦ରେ ରାଜ୍ୟ ସରକାର ହାତୀ ରହୁଥିବା ୧୪ଟି ଜଙ୍ଗଲ ଅଞ୍ଚଳରେ କରିଡର ପାଇଁ ଘୋଷଣା କରିଥିଲେ। ତାହା ଏଯାବତ୍ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏବେ ଜଙ୍ଗଲରେ ହାତୀ ପାଇଁ ଖାଦ୍ୟ ଏବଂ ଜଳ ଅଭାବ ଏକ ମୁଖ୍ୟ ସମସ୍ୟା। ହାତୀ ଦୈନିକ ୧୦ରୁ ୨୦ କି.ମି. ଚଳପ୍ରଚଳ କରିଥାଏ। ଗୋଟିଏ ଜଙ୍ଗଲରୁ ଆର ଜଙ୍ଗଲକୁ ଯିବାବେଳେ ସେଠାରେ ଖାଦ୍ୟ ନ ପାଇଲେ ନିକଟ ଜନବସିତ ମୁହାଁ ହୋଇଥାଏ। ସାଧାରଣତଃ ଧାନ, ପଣସ, କଦଳୀ ପ୍ରଭୃତିର ବାସ୍ନା ତଥା ଭୋକ ଓ ଶୋଷ ମେଣ୍ଟାଇବା ପାଇଁ ହାତୀ ଗାଁ ମୁହାଁ ହୋଇଥାଏ। ଏବେ ହାତୀ ଗାଁ ଛାଡ଼ି ସହରମୁହାଁ ହେବାରେ ଲାଗିଛନ୍ତି। ଏହା ଏକ ସମ୍ବେଦନଶୀଳ ଏବଂ ଚିନ୍ତାଜନକ ବିଷୟ। ଏଥିପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେବା ଜରୁରୀ ହୋଇପଡିଛି ବୋଲି ପାଣିଗ୍ରାହୀ କହିଛନ୍ତି।

ପ୍ରକାଶ ଯେ, ଖୋର୍ଦ୍ଧା ଟାଙ୍ଗୀ ଅଞ୍ଚଳରୁ ଚାଲିଆସିଥିବା ଏକ ଆହତ ହାତୀ ଭରତପୁର ଜଙ୍ଗଲରେ ରହିଥିଲା। ଚନ୍ଦକା ବନ ବିଭାଗ କର୍ମଚାରୀମାନେ ସୋମବାର ଉକ୍ତ ହାତୀକୁ ଗୁରୁତର ଅବସ୍ଥାରେ ଠାବ କରିଥିଲେ। ପରେ ଓୟୁଏଟି ଏବଂ ନନ୍ଦନକାନନର ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ସେଠାରେ ହାତୀଟିର ଚିକିତ୍ସା କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ବିଳମ୍ବିତ ରାତିରେ ହାତୀଟିର ମୃତ୍ୟୁ ଘଟିଥିଲା। ହାତୀର ଜିଭ ଛିଡ଼ି ଯିବା ସହ ମାଡ଼ି ହାଡ଼ ଫାଟି ନଷ୍ଟ ହୋଇଯାଇଥିଲା। ବାରହା ଶିକାର ପାଇଁ ଖଞ୍ଜା ଯାଇଥିବା ବୋମା ଖାଇ ହାତୀଟି ବିସ୍ଫୋରଣର ଶିକାର ହୋଇଥିବା ଚିକିତ୍ସକ ଟିମ୍ ଅନୁମାନ କରିଥିଲେ।

## ସଂକ୍ଷେପରେ

### ପୋଖରୀରୁ ଅଜଣା ବୃଦ୍ଧଙ୍କ ମୃତଦେହ ଜବତ

ସାଲେପୁର,୧୪।୨(ଅରବିନ୍ଦ ଭୂୟାଁ)



ସାଲେପୁର ଥାନା। ଚନ୍ଦ୍ରାଦେଇପୁର ପଞ୍ଚାୟତ ବେଲ ପୋଖରୀରେ ଜଣେ ବୃଦ୍ଧଙ୍କ ମୃତଦେହ ଭାସୁଥିବା ଖବର ପାଇ ସାଲେପୁର ଦମକଳ ବାହିନୀ ପହଞ୍ଚି ପାଣିରେ ଭାସୁଥିବା ମୃତଦେହକୁ ବାହାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଅଦ୍ୟାବଧି ମୃତ ବ୍ୟକ୍ତିଙ୍କ କୌଣସି ପରିଚୟ ମିଳିନାହିଁ। ମୃତବ୍ୟକ୍ତିର ଆନୁମାନିକ ବୟସ ୬୫ବର୍ଷ ହେବ ବୋଲି କୁହାଯାଉଥିବାବେଳେ ସମ୍ପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ପୋଖରୀରେ ମୃତଦେହ ଭାସୁଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ବନ୍ଦ ଘରୁ ଦୁର୍ବୃତ୍ତମାନେ ଲୁଟିନେଲେ ସାମଗ୍ରୀ

ନିଶ୍ଚିନ୍ତକୋଇଲି,୧୪।୨
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ଥାନା ଅସୁରେଶ୍ୱର ପଞ୍ଚାୟତ ଦୀକ୍ଷିତପଡା ଗାଁର ବାମଦେବ ନାୟକଙ୍କ ଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଗାଁର ବାମଦେବ ଦୀର୍ଘଦିନ ହେଲା ସପରିବାର ଭୁବନେଶ୍ୱରରେ ରହି ଆସୁଛନ୍ତି। ଘର ବନ୍ଦ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ପ୍ରବେଶ କରିଥିଲେ। ଦୁର୍ବୃତ୍ତମାନେ ଘରେ ଥିବା ୪ ଟା ବଡ଼ ପିତଳ ଥାଳି,୧ଟି ପିତଳ ଗରା, ୧ଟି ପିତଳ ବାଲଟି, ୨ଟି ପିତଳ ହଣ୍ଡା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏପରିକି ଦୁର୍ବୃତ୍ତମାନେ ତାଙ୍କ ଘରେ ଥିବା ବିଭିନ୍ନ ସାମଗ୍ରୀକୁ ବିକ୍ଷିପ୍ତ ଭାବେ ଫୋପଡା ଫିଙ୍ଗା କରିଥିବା ଦେଖିବାକୁ ମିଳିଛି। ଖବର ପାଇ ତାଙ୍କର ପୁତୁରା ଦିଲୀପ କୁମାର ନାୟକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୪ତମ ବାର୍ଷିକ ଉତ୍ସବ

ନିଶ୍ଚିନ୍ତକୋଇଲି, ୧୪।୨
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୪ତମ ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଶିଶୁ ମନ୍ଦିରର ପରିଚାଳନା କମିଟିର ସଭାନେତ୍ରୀ ତଥା ଶିକ୍ଷାବିତ୍ ଦୀପାଞ୍ଜଳୀ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ନିଷ୍ଠାପର ଅଧ୍ୟୟନ ଓ ଆଧ୍ୟାତ୍ମିକ ଚେତନା ଶିଶୁ ମନ୍ଦିର ପିଲାମାନଙ୍କୁ ପୂର୍ଣ୍ଣ ବିକଶିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶାର ସାଧାରଣ ସମ୍ପାଦକ କମଳାକାନ୍ତ ମିଶ୍ର କହିଥିଲେ, ଶିକ୍ଷା ବିକାଶ ସମିତିର ମାର୍ଗଦର୍ଶନରେ ଉତ୍ତର ପିଢ଼ିକୁ ଜଣେ ରାଷ୍ଟ୍ରଭକ୍ତ ଓ ସଂସ୍କାରୀ ଯୁବ ସମାଜକୁ ଗଠନ କରିବାରେ ଶିଶୁ ମନ୍ଦିର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ସମ୍ମାନିତ ଅତିଥି ଭାବେ ନିଶ୍ଚିନ୍ତକୋଇଲି ବିଇଓ ଲକ୍ଷେହୀରା ଲାବଣ୍ୟବତୀ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବିଧାୟକ ଜେନା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ତପନ କୁମାର ଦାଶ ଅତିଥି ପରିଚୟ ପ୍ରଦାନ, ପ୍ରଧାନ ଆଚାର୍ଯ୍ୟ ପ୍ରାଣକୃଷ୍ଣ ମଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହସମ୍ପାଦିକା ବିଦ୍ୟୁଲତା ପଣ୍ଡା, କୋଷାଧ୍ୟକ୍ଷ ସୁବୋଧ କୁମାର ଷଡଙ୍ଗୀ, ସଭ୍ୟ ତଡିତ କୁମାର ମଲିକଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁମାଗୁରୁଜୀ ପୂର୍ଣ୍ଣ ସହଯୋଗ କରିଥିଲେ। ଏଥିରେ ପୂର୍ବତନ ଛାତ୍ର, ପୂର୍ବତନ ଆଚାର୍ଯ୍ୟାଅଚାର୍ଯ୍ୟ, ପୂର୍ବତନ ପ୍ରଧାନ ଆଚାର୍ଯ୍ୟ, ପୂର୍ବତନ ପରିଚାଳନା କମିଟିର କର୍ମକର୍ତ୍ତା, ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ସ୍ଥାନୀୟ ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ସମିତି ସଭ୍ୟ ପ୍ରଦୋଷ କୁମାର ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ଶ୍ରୀବିଗ୍ରହଙ୍କ ଚାଚେରୀ ବେଶ, ବେଣ୍ଟନୀତି

ପୁରୀ,୧୪।୨ (ଅଜିତ୍ ମହାନ୍ତି)



ବସନ୍ତ ପଞ୍ଚମୀ ତଥା ସରସ୍ୱତୀ ପୂଜା ଅବସରରେ ବୁଧବାର ଶ୍ରୀମନ୍ଦିରରେ ଦାରୁବିଗ୍ରହଙ୍କ ଚାଚେରୀ ବେଶ ସହ ବେଣ୍ଟପୋଖରୀରେ ବେଣ୍ଟ ନୀତି ଅନୁଷ୍ଠିତ ହୋଇଯାଇଛି। ମଧ୍ୟାହ୍ନ ଧୂପ ହୋଇ ମଇଲମ ପରେ ଶ୍ରୀବିଗ୍ରହମାନଙ୍କୁ ଚନ୍ଦନ ଲାଗି କରାଯାଇଥିଲା। ଦକ୍ଷିଣଘର ଖଟରେ ଶ୍ରୀଦେବୀ, ଭୂଦେବୀ ଏବଂ ଦୋଳଗୋବିନ୍ଦଙ୍କୁ ବିଜେ କରାଯାଇଥିଲା। ଅପର ପକ୍ଷରେ ତିନି ଠାକୁର ଚାଚେରୀ ବେଶ ହୋଇଥିଲେ। ଉକ୍ତ ବେଶରେ ତିନିଠାକୁର ଫୁଟା ପହରଣ, ଶିରିକପଡ଼ା, ମୁଖବଳା, ଟୋପର, ଚନ୍ଦ୍ରିକା, ନଳୀଭୁଜ, ଆଡ଼କାନୀ, ତିଳକ, ଓଡ଼ିଆଣୀ, ସୂର୍ଯ୍ୟଚନ୍ଦ୍ର, ଘାଘଡ଼ାମାଳ ଲାଗିହୋଇଥିଲେ। ମହାପ୍ରଭୁ ଏବଂ ବଡ଼ଠାକୁର ଦୁଇଟି ଲେଖାଏ ମକର କୁଣ୍ଡଳ, ଦେବୀ ସୁଭଦ୍ରା ୨ଟି ତଡ଼ଗୀ ଲାଗିହୋଇଥିଲେ।

ରୋଷ ଘରକୁ ଚାଚେରୀ ଭୋଗ ଡାକରା ଯାଇଥିଲା। ଭୋଗ ଆସିବା ପରେ ଦୁଇ ଦେବୀ ଓ ଦୋଳଗୋବିନ୍ଦ ଭିତରେ ସିଂହାସନକୁ ବିଜେ କରିଥିଲେ। ମୁଦିରସ୍ତ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ଭୋଗ ମଣୋହୀ କରିଥିଲେ। ଧୋପଖାଳ ପରେ ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତ ତିନିବାଡ଼ରେ ଚନ୍ଦନ ଫଗୁ ଲାଗି କରିଥିଲେ। ବନ୍ଦାପନା ପରେ ମୁଦିରସ୍ତ ତିନିବାଡ଼ରେ ଝିମିରି ଫଗୁ ଅଞ୍ଜଳି କରିଥିଲେ।

ଅନ୍ୟାନ୍ୟ ନୀତି ପରେ ପୂଜାପଣ୍ଡା ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ଶ୍ରୀଦେବୀ, ଭୂଦେବୀ ଏବଂ ଦୋଳଗୋବିନ୍ଦଙ୍କୁ ଦେଇଥିଲେ। ମହାଜନ ଉକ୍ତ ତିନିଠାକୁରଙ୍କୁ ବିଜେ କରାଇ ଆଣି ଜୟବିଜୟ ଦ୍ୱାର ଲଣ୍ଡାବର୍ତ୍ତ ଉପରେ ଠିଆହୋଇ ରହିଥିଲେ। ସେଠାରେ ଠାକୁରମାନଙ୍କୁ ମୁଦିରସ୍ତ ଫଗୁଚନ୍ଦନ ପ୍ରସାଦ ଲାଗି, ବନ୍ଦାପନା, ଚାମର ଆଲଟ କରିବା ପରେ ପ୍ରଭା ଉପରକୁ ଫଗୁ ଛିଞ୍ଚିଥିଲେ। ତିନିଦିଅଁ ବଟମୂଳେ ଥିବା ବିମାନରେ ବିଜେ କରିଥିଲେ। ବିମାନବଡୁମାନେ ଘଣ୍ଟ ଛତା ଓ କାହାଳୀ ସହ ବିମାନକୁ ଜଗନ୍ନାଥ ବଲ୍ଲଭକୁ ନେଇଥିଲେ। ଦୁଇ ଠାକୁରାଣୀ ଜଗଦି ଉପରେ ଓ ଦୋଳଗୋବିନ୍ଦ ଚଉଦୋଳରେ ବିଜେ କରିଥିଲେ। ଠାକୁର ଓ ଠାକୁରାଣୀଙ୍କ ମଧ୍ୟରେ ଫଗୁଖେଳ ହୋଇଥିଲା। ପରେ ଦୋଳଗୋବିନ୍ଦ ଜଗତିରେ ଦୁଇ ଦେବୀଙ୍କ ପାଖରେ ବିଜେ ହୋଇଥିଲେ। ଶୀତଳଭୋଗ, ବନ୍ଦାପନା, ଚାମର ଆଲଟ ପରେ ପ୍ରସାଦ ଲାଗି କରାଯାଇଥିଲା। ଦିଅଁମାନେ ବେଣ୍ଟବିନ୍ଧା ନୀତି ପାଇଁ ଜଗନ୍ନାଥବଲ୍ଲଭସ୍ଥିତ ବେଣ୍ଟପୋଖରୀକୁ ବିଜେ କରିଥିଲେ। ଭିତରଚ୍ଛ ତୀର କମାଣକୁ ଠାକୁରଙ୍କ ଶ୍ରୀଅଙ୍ଗରେ ଛୁଆଁଇ ଲେଙ୍କା ସେବକଙ୍କୁ ଦେଇଥିଲେ। ସେ ସେଠାରେ ଥିବା ପଇଡ଼କୁ ବେଣ୍ଟ ବିନ୍ଧିଥିଲେ। ନୀତି ସମ୍ପନ୍ନ ପରେ ଠାକୁର ଠାକୁରାଣୀ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ବଟମୂଳେ ରୁନ୍ଧା ଫିଟାଯିବା ପରେ ଜୟବିଜୟ ଦ୍ୱାରରେ ରହିଥିଲେ। ସେଠାରେ ପ୍ରସାଦ ଲାଗି ଓ ବନ୍ଦାପନା ପରେ ଦୋଳଗୋବିନ୍ଦ ଦକ୍ଷିଣ ଘରକୁ ଏବଂ ଶ୍ରୀଦେବୀ, ଭୂଦେବୀ ସିଂହାସନକୁ ବିଜେ କରିଥିଲେ। ଅପରପକ୍ଷରେ ସନ୍ଧ୍ୟାଧୂପ ପରେ ସରସ୍ୱତୀ ମନ୍ଦିରରେ ମାଦଳା ପାଞ୍ଜି ପୂଜା କରାଯାଇଥିଲା। ଶୀତଳ ଭୋଗ କରାଯାଇ ପରମ୍ପରା ଅନୁଯାୟୀ ୨୧ଟି ନଡ଼ିଆ ଭଙ୍ଗାଯାଇଥିଲା।

# ମାହାଙ୍ଗାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଦ୍ୟାଦାତ୍ରୀଙ୍କ ପୂଜା



ମାହାଙ୍ଗା ଅଞ୍ଚଳର ଏକ ସ୍କୁଲରେ ସରସ୍ୱତୀ ପୂଜା କରାଯାଉଛି।

ମାହାଙ୍ଗା,୧୪।୨(ଯଯାତି ସିଂହ)

ମାହାଙ୍ଗା ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ପୂଜାମଣ୍ଡପଗୁଡ଼ିକ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ ହୋଇଥିବା ଦେଖିବାକୁ ମିଳିଛି। ବାସୁଦେବପୁର ସରକାରୀ ଉଚ୍ଚ ବିଦ୍ୟାଳୟ, କୁମୁଡାଜୟପୁର ସରକାରୀ ଉପ୍ରାମଇ ବିଦ୍ୟାଳୟ, ବାଲିପଡ଼ିଆ ସରକାରୀ ଉପ୍ରା ମଇ ବିଦ୍ୟାଳୟ, ଅରିଲୋ ଶାସନ ସରକାରୀ ଉପ୍ରା ବିଦ୍ୟାଳୟ, ମେରୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ, ଦୋବନ୍ଧିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଅଲିନଗର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନାରୀଜଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଓଷଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ, ପଞ୍ଚାୟତ ନୋଡାଲ ହାଇସ୍କୁଲ ମଣୀଯୋରୀ, ବାଗ୍ମୀ ବିଶ୍ୱନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ଲଳିତଗିରି ସରକାରୀ ଉଚ୍ଚ ବିଦ୍ୟାଳୟ, ସାମନ୍ତରାୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ସରସ୍ୱତୀ ପୂଜା କରାଯାଇଛି। ଏହି ପୂଜା କାର୍ଯ୍ୟରେ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଶକ୍ତିସାଇ ହସ୍ପିଟାଲକୁ ମୁଖ୍ୟମନ୍ତ୍ରୀ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ସମ୍ମାନ




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସମ୍ମାନିତ ହୋଇଥିବା ବ୍ୟକ୍ତିବିଶେଷ।

ସାଲେପୁର,୧୪।୨(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଅନ୍ତର୍ଗତ ରାଇସୁଙ୍ଗୁଡ଼ାଠାରେ ଶକ୍ତିସାଇ ହସ୍ପିଟାଲକୁ ମୁଖ୍ୟମନ୍ତ୍ରୀ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ସମ୍ମାନରେ ସମ୍ମାନିତ କରାଯାଇଛି। କେବିକେକୁ ଛାଡ଼ି ଦେଲେ ଏହି ହସ୍ପିଟାଲକୁ ପ୍ରଥମ ବା ଶ୍ରେଷ୍ଠ ବିବେଚିତ କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଥିବା ହିତାଧିକାରୀମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା କରି ସୁନାମ ଅର୍ଜନ କରିଥିବାରୁ ଶକ୍ତିସାଇ ହସ୍ପିଟାଲକୁ ଏହି ସମ୍ମାନ ମିଳିଛି। ମଙ୍ଗଳବାର ଲୋକସେବା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ଶାଳିନୀ ପଣ୍ଡିତ ଶକ୍ତି ସାଇ ହସ୍ପିଟାଲର ସ୍ୱାଧିକାରୀ ସନ୍ତୋଷ କୁମାର ମହାନ୍ତି ଏବଂ ତାଙ୍କ ଧର୍ମପତ୍ନୀ ରଶ୍ମିରେଖା ସ୍ୱାଇଁଙ୍କୁ ପ୍ରମାଣପତ୍ର, ଟ୍ରଫି ଆଦି ପ୍ରଦାନ କରି ସମ୍ମାନିତ କରିଛନ୍ତି। ପରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ସମ୍ମାନିତ ହୋଇଥିବା ସମସ୍ତଙ୍କ ସହିତ ମିଶି ସମୂହ ଫଟୋ ଉତ୍ତୋଳନ କରିବା ସହ ନିରନ୍ତର ଭାବେ ଏହି ଭଳି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ବିଏସ୍‌କେୱାଇର ମୁଖ୍ୟ ଡ. ବୃନ୍ଦା ଡି ଉପସ୍ଥିତ ଥିଲେ। ହସ୍ପିଟାଲକୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିବାରୁ ସ୍ୱାଧିକାରୀ ମହାନ୍ତି ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବିଭିନ୍ନ ସ୍ଥାନରେ ମା'ସରସ୍ୱତୀଙ୍କ ପୂଜାର୍ଚ୍ଚନା

ସାଲେପୁର,୧୪।୨(ଅରବିନ୍ଦ ଭୂୟାଁ)

ସାଲେପୁର ଅଞ୍ଚଳର ସମସ୍ତ ସରକାରୀ, ବେସରକାରୀ ସ୍କୁଲ କଲେଜରେ ଓ ବିଭିନ୍ନ ଅନୁଷ୍ଠାନରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଖଡ଼ିଛୁଆଁ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଲେପୁରର ଗ୍ରାମଦେବତୀ ମା' ସାହେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ ନୂତନ ଭାବେ ବିଦ୍ୟାଳୟରେ ନାମ ଲେଖାଇ ଥିବା ଛାତ୍ରୀଛାତ୍ରଙ୍କ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଫ୍ରିଡମ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ସାବିତ୍ରୀ ଦେବୀ କଲେଜ, ନବପ୍ରଭାତ ଆଇଟିଆଇ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସାଲେପୁର ହାଇସ୍କୁଲ, ରୋଧପୁର ସ୍କୁଲ, ଚନ୍ଦ୍ରାଦେଇପୁର ସ୍କୁଲ ସମେତ ସମସ୍ତ ସରକାରୀ ବେସରକାରୀ ବିଦ୍ୟାଳୟରେ ମା'ଙ୍କ ପୂଜାର୍ଚ୍ଚନା ଯଥାବିଧି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା।

## ବିଭିନ୍ନ ଅନୁଷ୍ଠାନରେ ମା'ସରସ୍ୱତୀଙ୍କ ପୂଜା

ବାଙ୍କୀ,୧୪।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ପବିତ୍ର ଶ୍ରୀପଞ୍ଚମୀ ଅବସରରେ ବାଙ୍କୀର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କ୍ଲବ ପରିସରରେ ଜଗତଜନନୀ ମା'ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇଛି। ଏହି ପରିପ୍ରେକ୍ଷୀରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଣୀ ଶୁକଦେଈ ଛାତ୍ରୀନିବାସ, ମା'ଚର୍ଚ୍ଚିକା ଛାତ୍ରୀ ନିବାସ ଓ ଲକ୍ଷ୍ମୀନାରାୟଣ ମୋଦିଛାତ୍ରାବାସ ସମେତ ବିଭିନ୍ନ ବିଭାଗରେ ମା'ଙ୍କୁ



ପୂଜା କରାଯାଇଛି। ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସମେତ ସମସ୍ତ ଅଧ୍ୟାପିକାଅଧ୍ୟାପକ ପୂଜା ମଣ୍ଡପ ପରିଦର୍ଶନ କରିଥିଲେ। ଏଥିରେ ସୁଶ୍ରୀ ଶୁଭଲକ୍ଷ୍ମୀ ପଣ୍ଡା, ନୀଳପଲ୍ଲବୀ ଗୋଚ୍ଛି, ସ୍ୱାଗତିକା ସାହୁ, ସୋନାଲିକା ସାହୁ, ଶୀତଲ ସାହୁ ପ୍ରମୁଖ ଛାତ୍ରୀମାନେ ସହଯୋଗ କରିଥିଲେ। ସେହିପରି ଚର୍ଚ୍ଚିକା ୟୁଜିଏମ୍‌ଇ, ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ କ୍ଲବ ପରିସରରେ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇଛି।

# ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବାଙ୍କୀ,୧୪।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ମା'ସରସ୍ୱତୀ ଏବଂ ଶ୍ରୀଗଣେଶଙ୍କ ପ୍ରତିମୂର୍ତ୍ତିଙ୍କୁ ବାଙ୍କୀର ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଉନ୍ମୋଚନ କରିଥିଲେ। ଅପରାହ୍ନରେ ଏକ ସଭା ଡମପଡ଼ା ବିଇଓ ନରେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀନିବାସ ବେହେରା ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଛାତ୍ରମାନେ ଭବିଷ୍ୟତରେ କିପରି ଉତ୍ତମ ନାଗରିକ ହେବା ସହ ଦେଶ ସେବାରେ ନିଜକୁ ନିୟୋଜିତ କରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଗାଇଡ୍‌ର କୋଷାଧ୍ୟକ୍ଷ ଭବାନୀ ପ୍ରସାଦ ମିଶ୍ର, ସମ୍ମାନନୀୟ ଅତିଥି ଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବାସ ଚନ୍ଦ୍ର ପାଢୀ, ବାଙ୍କୀ ଏନ୍‌ଏସି ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, ମୋ ସ୍କୁଲ କମିଟି ସମ୍ପାଦକ ପଣ୍ଡିତ ନଗେନ୍ଦ୍ର କୁମାର ମହାପାତ୍ର, ବାଙ୍କୀ କ୍ରେଡିଟ୍ କୋଅପରେଟିଭ୍ ସଭାପତି ସମରେନ୍ଦ୍ର ମହାପାତ୍ର ଯୋଗଦେଇ ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ସୋମନାଥ ଖଟୁଆ ସଭା ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରମାନଙ୍କୁ ମୁଖ୍ୟ ଅତିଥି ତ୍ରିପାଠୀ ମାନପତ୍ର ସହ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ବୀରାରାଣୀ ଶୁକଦେଈ




ଶ୍ରାଦ୍ଧ ଦିବସରେ ଶୁକଦେଈଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

ବାଙ୍କୀ,୧୪।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ରାଣୀ ଶୁକଦେଈଙ୍କ ୨୧୮ତମ ଶ୍ରାଦ୍ଧ ଦିବସ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବୁଧବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ସ୍ଥାପିତ ବୀରାରାଣୀଙ୍କ ପ୍ରତିମୂର୍ତ୍ତିରେ କଲେଜ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ବୀରାରାଣୀ ଦୟା ଓ କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ. ଶୈଳେନ୍ଦ୍ର ନାରାୟଣ ଦେଓ, ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ପ୍ରଭାତ କୁମାର ବଳିୟାର ସିଂହ, କ୍ରୀଡା ଅଧ୍ୟାପକ ରବିନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇ ରାଣୀଙ୍କ ଯୁଦ୍ଧନୀତି ଓ ସହନଶୀଳତା ଉପରେ ଆଲୋକପାତ କରିଥିଲେ। ରଞ୍ଜିତ ରାଉତ ଧନ୍ୟବାଦ ଦେଇଥିଲେ।

## ଆଜି ରାତିରେ ବିମାନରେ ବିଜେ କରିବେ ଠାକୁର

କୋଣାର୍କ,୧୪।୨(ଜ୍ୟୋତିରାଜ ମହାନ୍ତି)

ପବିତ୍ର ମାଘ ସପ୍ତମୀ ବୁଡ଼ ପାଇଁ ଶ୍ରଦ୍ଧାଳୁଙ୍କ ଅପେକ୍ଷାରେ ମେଳାପଡ଼ିଆ ଓ ତୀର୍ଥ ପୁଷ୍କରିଣୀ। ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ପୂର୍ବ ରାତିରୁ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇବେ। ମାଘ ସପ୍ତମୀ ଅବସରରେ ଗୁରୁବାର ଓ ଶୁକ୍ରବାର ୨ଦିନ ସୂର୍ଯ୍ୟମନ୍ଦିର ପ୍ରବେଶ ଶୁଳ୍କ ଛାଡ଼ କରାଯାଇଛି। ଚନ୍ଦ୍ରଭାଗା ତୀର୍ଥକୁ ଭୁବନେଶ୍ୱର, ପୁରୀ ଓ କାକଟପୁରରୁ ଆସୁଥିବା ଯାନବାହନ ନିୟନ୍ତ୍ରଣ, ବାଇକ୍, କାର୍ ଓ ବସ୍ ପାର୍କିଂ, ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ବ୍ୟାରିକେଡ଼ ବ୍ୟବସ୍ଥା, ଟ୍ରାଫିକ ବ୍ୟବସ୍ଥା, ତୀର୍ଥ ପୁଷ୍କରିଣୀରେ ୬ଟି ପ୍ରବେଶ ଓ ପ୍ରସ୍ଥାନ ପଥରେ ଶ୍ରଦ୍ଧାଳୁମାନେ ଶାନ୍ତିଶୃଙ୍ଖଳା ସହିତ ବୁଡ଼ ପକାଇବା ବ୍ୟବସ୍ଥା ହୋଇଛି। ନିଷ୍ପତ୍ତି ଅନୁଯାୟୀ, ଗୁରୁବାର ମାଘ ଶୁକ୍ଳ ଷଷ୍ଠୀ ରାତି ୯ଟାରୁ ମାଧିପୁର ଗ୍ରାମର ଶ୍ରୀଶ୍ରୀ ତ୍ରିବେଣୀଶ୍ୱର, ସନ୍ଥପୁର ଗ୍ରାମର ଇସାଣେଶ୍ୱର, କୁରୁଜଙ୍ଗ ଗ୍ରାମର ଦକ୍ଷିଣେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ନିଜ ନିଜ ଆସ୍ଥାନରୁ ବାହାରି ବିମାନ ବିଜେ କରିବେ। ତିନିଠାକୁର ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା ପରେ ରାତି୩ସୁଧା ଚନ୍ଦ୍ରଭାଗା ତୀର୍ଥ ମଣ୍ଡପରେ ପହଞ୍ଚିବେ। ଏଠାରେ ପାରମ୍ପରିକ ରୀତିନୀତିରେ ଚଳନ୍ତି ପ୍ରତିମାଙ୍କ ପୂଜାହୋମ କର୍ମ ସମ୍ପାଦନ ହେବ। ଶୁକ୍ରବାର ସପ୍ତମୀ ତିଥିରେ ମାହେନ୍ଦ୍ରବେଳା ୪ଟା ୩୪ ମଧ୍ୟରେ ପବିତ୍ର ତୀର୍ଥ ଜଳରେ ତିନି ଠାକୁର ସ୍ନାନ କରିବେ। ପରେ ସାଧୁସନ୍ଥ ଓ ଅପେକ୍ଷା ରତ ଶ୍ରଦ୍ଧାଳୁ ସ୍ନାନ କରିବାର ସୁଯୋଗ ପାଇବେ।

# ଆସିଲେଣି ସାଧୁସନ୍ଥ, ସରିଲାଣି ପ୍ରସ୍ତୁତି

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

**୧୬ରୁ ଖଣ୍ଡଗିରି କୁମ୍ଭମେଳା**
- ୧୮ରୁ ୨୯ ପର୍ଯ୍ୟନ୍ତ ଯାତ୍ରା ମହାସମର
- ମିନାବଜାରରେ ରହିବ ୩୬୦ ଷ୍ଟଲ୍

ପ୍ରସିଦ୍ଧ ଖଣ୍ଡଗିରି ମାଘମେଳା ବା କୁମ୍ଭମେଳା ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ସାରା ଦେଶରୁ ସାଧୁସନ୍ଥଙ୍କ ଆଗମନ ଆରମ୍ଭ ହୋଇଛି। ୨୫ ତାରିଖ ପର୍ଯ୍ୟନ୍ତ ଐତିହ୍ୟ ଖଣ୍ଡଗିରି ପାହାଡ଼ ଓ ଏହାର ପାଦଦେଶରେ ହୋମଯଜ୍ଞ ସହ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଚାଲିବ। ଏଥିସହ ୧୮ରୁ ୨୯ ତାରିଖ ପର୍ଯ୍ୟନ୍ତ ଯାତ୍ରା ମହାସମରରେ ବିଭିନ୍ନ ଅପେରା ପାର୍ଟି ଲୋକଙ୍କୁ ମନୋରଞ୍ଜନ କରିବେ। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି। ଯାତ୍ରା ଓ ମିନାବଜାର ଦୋକାନ ପାଇଁ ପ୍ରାୟ ୫ଶହ ଆବେଦନ ଆସିଥିବାବେଳେ ଚଳିତବର୍ଷ ପ୍ରାୟ ୩୬୦ଟି ଷ୍ଟଲ୍‌କୁ ଅନୁମତି ମିଳିବ। ମେଳା ଚାରିପଟେ ବିଭିନ୍ନ ସ୍ଥାନରେ ପାର୍କିଂ ବ୍ୟବସ୍ଥା ହୋଇଛି। ଖୋର୍ଦ୍ଧା ପଟୁ କୋଳଥିଆ ଛକଠାରୁ ଖଣ୍ଡଗିରିଛକ ପର୍ଯ୍ୟନ୍ତ ବ୍ରିଜ୍‌ତଳେ, ବରମୁଣ୍ଡା ପଟୁ ପ୍ରାଚୀ ରିସର୍ଟଠାରୁ ଖଣ୍ଡଗିରି ଥାନା ପର୍ଯ୍ୟନ୍ତ, ଜାଗମରା ପଟୁ ସୋଆ କାର୍ଯ୍ୟାଳୟଠାରୁ ହାଉସିଂ ବୋର୍ଡ ନିର୍ମାଣ ପରିସର ଏବଂ ଖାରବେଳ ପାର୍କ ନିକଟରେ ଦେୟଯୁକ୍ତ ପାର୍କିଂ ବ୍ୟବସ୍ଥା କରାଯାଇଛି। ସେହିପରି ଜୟଦେବବାଟିକା ପଟୁ ଓଏସ୍‌ଆର୍‌ଟିସି ଷ୍ଟାଣ୍ଡ୍‌ରେ ଲୋକେ ବିନା ଦେୟରେ ଗାଡି ରଖିପାରିବେ। ତେବେ ଚୟନ ହୋଇଥିବା ସଂସ୍ଥା ଜରିଆରେ ଏହିସବୁ ସେବା ଯୋଗାଇ ଦିଆଯିବ। ପାର୍କିଂ ଦେୟ ପ୍ରଥମ ଦୁଇଘଣ୍ଟାକୁ ଦୁଇଚକିଆ ପାଇଁ ୧୦ଟଙ୍କା ଏବଂ ଚାରିଚକିଆ ପାଇଁ ୨୦ଟଙ୍କା ରହିଛି। ଗାଡି ପ୍ରବେଶଠାରୁ ପ୍ରସ୍ଥାନ ସମୟ ପର୍ଯ୍ୟନ୍ତ ଏହାର ସ୍ୱତନ୍ତ୍ର ଦର ରହିଛି। ଏହି ସୂଚନା ପାର୍କିଂ ସ୍ଥଳରେ ପ୍ରଦର୍ଶିତ କରାଯିବ। ମେଳାରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ଅସ୍ଥାୟୀ ଷ୍ଟଲ୍ ପ୍ରଦାନ କରିବା ଏବଂ ସେମାନଙ୍କଠାରୁ ଲାଇସେନ୍ସ ଫି ଆଦାୟ କରିବା, ଯାତ୍ରା ପାର୍ଟି ମାଲିକ ଓ ମେଳା ବ୍ୟବସାୟୀଙ୍କଠାରୁ ରାଜସ୍ୱ ଆଦାୟ କରିବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶୃଙ୍ଖଳିତ ଯାତ୍ରା ପରିଚାଳନା, ଦର୍ଶକଙ୍କ ପାଇଁ ପାଣି, ଅସ୍ଥାୟୀ ଶୌଚାଳୟ, ପରିମଳ, ସାମାଜିକ ଅଶ୍ଳୀଳତାକୁ ଯାତ୍ରାରେ ସ୍ଥାନ ନ ଦେବା ଆଦି ବାବଦରେ ଆୟୋଜକମାନଙ୍କୁ ସତର୍କ କରାଯାଇଛି। ଏହାସହ ଜାଗମରାରୁ ଅନନ୍ତକେଶରୀଙ୍କ ଯାତ୍ରା ସମୟରେ ଉତ୍ତମ ଆଲୋକୀକରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଏମ୍‌ସି ପକ୍ଷରୁ ମେଳାଞ୍ଚଳକୁ ଦିନକୁ ତିନିଥର ସଫେଇ କରାଯିବ। ପୋଲିସ ପ୍ରଶାସନ, ବିଦ୍ୟୁତ୍ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ସଂଯୁକ୍ତ ବିଭାଗ ଏବଂ ସ୍ଥାନୀୟ କର୍ପୋରେଟର ଓ ଅଞ୍ଚଳବାସୀଙ୍କ ସହଯୋଗରେ ମେଳା ପରିଚାଳନା କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଏନେଇ ବୁଧବାର କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁଙ୍କ ନେତୃତ୍ୱରେ ଟିମ୍ ବିଏମ୍‌ସି ଏବଂ ସଂଯୁକ୍ତ ବିଭାଗର ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ପାର୍କିଂ, ଷ୍ଟଲ୍ ପ୍ଲାନିଂ, ପରିମଳ, ସୂଚନା ପ୍ରଦାନ, ସାଧୁସନ୍ଥଙ୍କ ପାଇଁ ଆଲୋକ, ପାଣି ବ୍ୟବସ୍ଥା, ଜବରଦଖଲ ଏବଂ ଯାଯାବରଙ୍କୁ ଉଠାଇବା ସହ ଅନ୍ୟାନ୍ୟ ସୁବିଧାର ସମୀକ୍ଷା କରିଥିଲେ। ଦକ୍ଷିଣ-ପୂର୍ବ ଜୋନ୍‌ର ଡେପୁଟି କମିଶନର ରୋଶନ ଶତପଥୀ ଏହି କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ନିଶା ବେପାରୀଙ୍କୁ ଧରିବାକୁ ଯାଇ ୨ ପୋଲିସ ଆହତ

ନିରାକାରପୁର,୧୪।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ସରପାରି ଗ୍ରାମର ଜଣେ ନିଶା ବେପାରୀଙ୍କୁ ଧରିବାକୁ ଯାଇ ୨ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସୂଚନା ମୁତାବକ, ଗ୍ରାମରେ ଜଣେ ବ୍ୟକ୍ତି ନିଶା ବେପାର କରୁଥିଲେ। ଏହି ଖବର ପାଇ ପୋଲିସ ପାଟ୍ରୋଲିଂ ଗାଡ଼ି ସହିତ ଘଟଣାସ୍ଥଳରେ ପହଞ୍ଚିଥିଲା। ତେବେ ସମ୍ପୃକ୍ତ ନିଶା ବେପାରୀଙ୍କୁ ଯାଞ୍ଚ କରିବା ବେଳେ ସେ ଛୁରିରେ ଆକ୍ରମଣ କରିବାରୁ ୨ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ପରେ ସେମାନେ ଡାକ୍ତରଖାନା ଯାଇ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି। ଏନେଇ ଜଙ୍କିଆ ଥାନା ଅଧିକାରିଣୀ ପ୍ରଜ୍ଞା ରତ୍ନମ୍ବର କରଙ୍କୁ ପଚାରିବାରେ କହିଛନ୍ତି, ସେମିତି କିଛି ହୋଇନି। ତେବେ ସରପାରିରୁ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖାଯାଇଛି। ତାଙ୍କ ନିକଟରୁ ମଦ ଜବତ କରିଛୁ ବୋଲି ସେ ପ୍ରକାଶ କରିଛନ୍ତି।

### ଆମ୍ବଗଛରେ ପୂଜା ପାଉଛନ୍ତି ବାଗ୍‌ଦେବୀ

ଖୋର୍ଦ୍ଧା,୧୪।୨(ପ୍ରଭାତ ପାଣିଗ୍ରାହୀ)

ଗୁରୁଜଙ୍ଗସ୍ଥିତ ଜୟୀ ରାଜଗୁରୁ କ୍ଲବ ଆନୁକୂଲ୍ୟରେ ହାଉସିଂବୋର୍ଡର ଏକ ଆମ୍ବ ଗଛ କୋରଡ ଉପରେ ଦୀର୍ଘ ୨୦ବର୍ଷ ହେବ ମା ବାଗ୍‌ଦେବୀଙ୍କ ପୂଜା ଆରାଧନା କରାଯାଉଛି ବୋଲି ବରିଷ୍ଠ ସଦସ୍ୟ ଅବ୍ୟକ୍ତ ହରିହର ଖାଡଙ୍ଗା କହିଛନ୍ତି। ପାରମ୍ପରିକ ବୈଦିକ ରୀତିରେ କ୍ଲବ ପକ୍ଷରୁ ପୂଜା କରାଯାଇଥାଏ। ସଦସ୍ୟମାନେ ପ୍ରକୃତି ମାତାର ବନ୍ଦନା ସହ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥାନ୍ତି। ଦିନକୁ ଜଙ୍ଗଲକ୍ଷୟ ହେବାରେ ଲାଗିଛି। ଏହାର ପ୍ରଭାବ ଜୀବଜଗତ ଉପରେ ପଡୁଛି। ଏନେଇ ଯୁବପିଢ଼ି, ଛାତ୍ରୀଛାତ୍ରଙ୍କୁ ଏଥିଲାଗି ସଚେତନତାର ବାର୍ତ୍ତା ଦିଆଯାଇଥାଏ ବୋଲି ଖାଡଙ୍ଗା କହିଛନ୍ତି।

### ପୂଜା ପାଇଲେ ବିଦ୍ୟାଦାତ୍ରୀ

ଖୋର୍ଦ୍ଧା,୧୪।୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାର ସମସ୍ତ ଶିକ୍ଷାନୁଷ୍ଠାନ, ଘରୋଇ ଅନୁଷ୍ଠାନ ସମେତ ବ୍ୟବସାୟିକ ପ୍ରତିଷ୍ଠାନରେ ବୁଧବାର ବିଦ୍ୟାଦାତ୍ରୀ ମା ସରସ୍ୱତୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ପିଏନ କଲେଜ, ମହିଳା ମହାବିଦ୍ୟାଳୟ, ବିଜେବି ହାଇସ୍କୁଲ, ବାଳିକା ହାଇସ୍କୁଲ, କୋଚିଂ ସେଣ୍ଟର, କଳା ଅନୁଷ୍ଠାନ ପ୍ରଭୃତି ସ୍ଥାନରେ ଶ୍ରୀସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇଛି। ସିଗ୍‌ମା ପବ୍ଲିକ ସ୍କୁଲରେ ପିଲାମାନେ ବିଦ୍ୟାଦାତ୍ରୀଙ୍କ ପୂଜାର୍ଚ୍ଚନା ସହ ସ୍ୱଚ୍ଛତା, ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକମାନେ ଉପସ୍ଥିତ ଥିଲେ। ସାମ୍ବାଦିକ ଭବନରେ ବିଦ୍ୟାଦାତ୍ରୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ଏକାଧିକ ପ୍ରତିନିଧି ଯୋଗଦେଇ ବାଗ୍‌ଦେବୀଙ୍କ ଆରାଧନା କରିଥିଲେ।

### ୨୩ରେ କୁଶପଲ୍ଲା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ବେଗୁନିଆ,୧୪।୨(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଧୀନ କୁଶପଲ୍ଲା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚଳିତବର୍ଷ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୩ ତାରିଖରୁ ଅନୁଷ୍ଠିତ ହେବ। ଏନେଇ ଆୟୋଜକ କ୍ଲବ ପକ୍ଷରୁ ଧାର୍ଯ୍ୟ କରାଯାଇଛି। ଟୁର୍ଣ୍ଣାମେଣ୍ଟରେ ଭାରତର ୮ଟି ପ୍ରମୁଖ ଫୁଟବଲ କ୍ଲବ ଅଂଶଗ୍ରହଣ କରିବେ। ପ୍ରଥମ ଦିବସ ମ୍ୟାଚରେ ବିଶାଖାପାଟଣାର ଭାଇଯାଗ ଫୁଟବଲ କ୍ଲବ କଟକର ୟଙ୍ଗ ଉତ୍କଳ କ୍ଲବକୁ ଭେଟିବ। ସେହିପରି ଦ୍ୱିତୀୟ ଦିନରେ ପତିତପାବନ ସଂଘ ବ୍ରହ୍ମପୁର ଓ ବଜରଙ୍ଗବାଲୀ ଘାଟୀକିଆ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ୨୫ ତାରିଖରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଆୟୋଜିତ ହେବ। ୨୬ ତାରିଖରେ ୱାଇଏଏଫ୍‌ସି ଚୌଦ୍ୱାର(କଟକ) ଓ କୋଲକାତାର ହାୱଡା ଫ୍ରେଣ୍ଡ୍‌ସ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ୨୭ ତାରିଖରେ ଡିଷ୍ଟ୍ରିକ୍ଟ ଆଥ୍‌ଲେଟିକ ଆସୋସିଏଶନ ଝାରସୁଗୁଡ଼ା ଓ ଡିଏମ୍‌ଏସ୍‌ଏଫ୍ ଚକ୍ରଧରପୁର (ଝାଡ଼ଖଣ୍ଡ) ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ୨୮ ତାରିଖରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଏବଂ ୨୯ ତାରିଖରେ ଅନ୍ତିମ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

# ଅବକ୍ଷୟମୁଖୀ ଜଙ୍ଗଲ, ଶିକାର ହାତୀ ମୃତ୍ୟୁର କାରଣ

ଖୋର୍ଦ୍ଧା,୧୪।୨(ପ୍ରଭାତ ପାଣିଗ୍ରାହୀ)

- ଜଙ୍ଗଲର ଗୁଣାତ୍ମକ ମାନ ବୃଦ୍ଧି, କରିଡର ନିର୍ମାଣ ତ୍ୱରାନ୍ୱିତ କରାଯାଉ
- ଶିକାରୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି



ଚନ୍ଦକା ବନ୍ୟପ୍ରାଣୀ ବିଭାଗ ଭରତପୁର ଜଙ୍ଗଲରେ ବୋମା ବିସ୍ଫୋରଣରେ ଆହତ ଦନ୍ତାହାତୀର ସୋମବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଗତବର୍ଷ କେରଳରେ ମଧ୍ୟ ଏଭଳି ଏକ ଘଟଣା ଘଟିଥିଲା। ତେବେ ବନ୍ୟଜନ୍ତୁ ଶିକାର ପାଇଁ ଶିକାରୀଙ୍କ ଏଭଳି କାର୍ଯ୍ୟଶୈଳୀକୁ ନେଇ ପରିବେଶବିତ୍ ଚିନ୍ତାପ୍ରକାଟ କରିଛନ୍ତି। ବାର୍‌ହା ନା ହାତୀ ଶିକାର ପାଇଁ ଶିକାରୀ ଏଭଳି ପ୍ରୟାସ କରିଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣା ପଛରେ ସ୍ଥାନୀୟ ଶିକାରୀ ବା ର୍‍ୟାକେଟ କାମ କରୁଛି, ଏହାର ପର୍ଦ୍ଦାଫାଶ ହେବା ଆବଶ୍ୟକ ବୋଲି ବିଭିନ୍ନ ମହଲରୁ ଦାବି ହେଉଛି।

ଏସମ୍ପର୍କରେ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କୁହନ୍ତି, କେରଳ ପରେ ଓଡ଼ିଶାରେ ଏଭଳି ଘଟଣାର ପୁନରାବୃତ୍ତି ଘଟିଛି। ତେବେ ଏହା ଜଙ୍ଗଲ ଭିତରେ ଘଟିଥିବାରୁ ଜଙ୍ଗଲ ବିଭାଗ ଅଧିକ ସତର୍କତା ଅବଲମ୍ବନ କରିବା ଜରୁରୀ। ବନ୍ୟପ୍ରାଣୀ ଶିକାରୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଜରୁରୀ। ଇତିହାସ କହେ ଗଙ୍ଗବଂଶ ରାଜା ଚୋଡ଼ଗଙ୍ଗ ଦେବଙ୍କ ନିକଟରେ ୯୯ହଜାର ହାତୀ ରହିଥିଲେ। ସେହି ସମୟରେ ଓଡ଼ିଶାରେ ଲକ୍ଷେ ଉପରେ ହାତୀ ରହିଥିବାବେଳେ ଏହି ସଂଖ୍ୟା କ୍ରମାଗତ ହ୍ରାସ ପାଇ ୨୦୧୭ ବେଳକୁ ଓଡ଼ିଶାରେ ମାତ୍ର ୧୯୭୬ ହାତୀ ରହିଥିଲେ। ୨୦୧୮ରୁ ୨୦୨୩ ମଧ୍ୟରେ ପ୍ରାୟ ୭୦୦ ହାତୀଙ୍କ ଜୀବନ ଯାଇଛି। ଏଭଳି ଚାଲିଲେ, ହାତୀବଂଶ ଲୋପ ପାଇଯିବାର ସମ୍ଭାବନା ରହିଛି। କେବଳ ହାତୀ ନୁହେଁ ସମସ୍ତ ବନ୍ୟଜନ୍ତୁଙ୍କ ସୁରକ୍ଷା ସଂରକ୍ଷଣ ଜରୁରୀ। ରାଜ୍ୟରେ ହାତୀଦାନ୍ତ, ବାଘଛାଲ, ବ୍ରଜାକାପ୍ତା ଶିକାର ସଂଖ୍ୟା ବଢ଼ି ଚାଲିଛି। ବନ୍ୟଜନ୍ତୁ ଶିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେଲେ କେବଳ ହାତୀ ନୁହେଁ ଧୀରେ ଧୀରେ ସମସ୍ତ ବନ୍ୟଜନ୍ତୁଙ୍କ ସଂଖ୍ୟା ମଧ୍ୟ ଲୋପ ପାଇଯିବ ବୋଲି ପାଣିଗ୍ରାହୀ କହିଛନ୍ତି।

ହାତୀ ଜଙ୍ଗଲ ଛାଡ଼ି ସହରା ମୁହାଁ ହେବା ପଛରେ ଅନେକ କାରଣ ରହିଛି। ଜଙ୍ଗଲ ଅବକ୍ଷୟମୁଖୀ ହେବାରେ ଲାଗିଛି। ଦ୍ରୁତ ଶିଳ୍ପାୟନ, ରାସ୍ତା ସମ୍ପ୍ରସାରଣ, ରେଳଲାଇନ ପାଇଁ ଜଙ୍ଗଲ ଦିନକୁ ଦିନ କ୍ଷୟ ହେବାରେ ଲାଗିଛି। ପ୍ରତିବର୍ଷ ବିଭାଗ ପକ୍ଷରୁ ଡ୍ରୋନ ସର୍ଭେରେ ଜଙ୍ଗଲ ବଢ଼ିଥିବା ଦର୍ଶାଯାଉଥିବାବେଳେ ବାସ୍ତବ ଚିତ୍ର ଭିନ୍ନ ରହିଛି। ଏହାକୁ 'ଏମ୍‌ଟି ଫରେଷ୍ଟ ସିଣ୍ଡ୍ରୋମ' ବୋଲି କୁହାଯାଏ। ଅର୍ଥାତ୍ ବାହାରୁ ଯାହା ଦେଖାଯାଉଛି, ତାହା ବାସ୍ତବରେ ସମ୍ପୂର୍ଣ୍ଣ ଅଲଗା ରହିଥାଏ। ଗୋଟିଏ ଜାଗାରେ ୫୦ଗଛ ରହିଥିବା ସର୍ଭେ କହୁଥିବାବେଳେ ସେଠାରେ ମାତ୍ର ୧୦ଟି ଗଛ ରହିଥିବା ପରବର୍ତ୍ତୀ ସମୟରେ ଜଣାପଡ଼ିଥାଏ। ଏଥିରୁ ସ୍ପଷ୍ଟ ଯେ, ଜଙ୍ଗଲର ଗୁଣାତ୍ମକ ମାନ ହ୍ରାସ ପାଇବାରେ ଲାଗିଛି। ଅବକ୍ଷୟମୁଖୀ ଜଙ୍ଗଲ ହାତୀ ମୃତ୍ୟୁର ଏକ ପ୍ରମୁଖ କାରଣ କହିଲେ ଅତ୍ୟୁକ୍ତି ହେବନି। ଏଥିପ୍ରତି ରାଜ୍ୟ ସରକାର ଏବଂ ଜଙ୍ଗଲ ବିଭାଗ ଚିନ୍ତନ କରିବା ଆବଶ୍ୟକ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଜଙ୍ଗଲ ଜଙ୍ଗଲ ମଧ୍ୟରେ ସଂଯୋଗୀକରଣ ବ୍ୟବସ୍ଥାର ଅଭାବ। ୨୦୧୦ରେ ରାଜ୍ୟ ସରକାର ହାତୀ ରହୁଥିବା ୧୪ଟି ଜଙ୍ଗଲ ଅଞ୍ଚଳରେ କରିଡର ପାଇଁ ଘୋଷଣା କରିଥିଲେ। ତାହା ଏଯାବତ୍ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏବେ ଜଙ୍ଗଲରେ ହାତୀ ପାଇଁ ଖାଦ୍ୟ ଏବଂ ଜଳ ଅଭାବ ଏକ ମୁଖ୍ୟ ସମସ୍ୟା। ହାତୀ ଦୈନିକ ୧୦ରୁ ୨୦ କି.ମି. ଚଳପ୍ରଚଳ କରିଥାଏ। ଗୋଟିଏ ଜଙ୍ଗଲରୁ ଆର ଜଙ୍ଗଲକୁ ଯିବାବେଳେ ସେଠାରେ ଖାଦ୍ୟ ନ ପାଇଲେ ନିକଟ ଜନବସିତ ମୁହାଁ ହୋଇଥାଏ। ସାଧାରଣତଃ ଧାନ, ପଣସ, କଦଳୀ ପ୍ରଭୃତିର ବାସ୍ନା ତଥା ଭୋକ ଓ ଶୋଷ ମେଣ୍ଟାଇବା ପାଇଁ ହାତୀ ଗାଁ ମୁହାଁ ହୋଇଥାଏ। ଏବେ ହାତୀ ଗାଁ ଛାଡ଼ି ସହରମୁହାଁ ହେବାରେ ଲାଗିଛନ୍ତି। ଏହା ଏକ ସମ୍ବେଦନଶୀଳ ଏବଂ ଚିନ୍ତାଜନକ ବିଷୟ। ଏଥିପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେବା ଜରୁରୀ ହୋଇପଡିଛି ବୋଲି ପାଣିଗ୍ରାହୀ କହିଛନ୍ତି।

ପ୍ରକାଶ ଯେ, ଖୋର୍ଦ୍ଧା ଟାଙ୍ଗୀ ଅଞ୍ଚଳରୁ ଚାଲିଆସିଥିବା ଏକ ଆହତ ହାତୀ ଭରତପୁର ଜଙ୍ଗଲରେ ରହିଥିଲା। ଚନ୍ଦକା ବନ ବିଭାଗ କର୍ମଚାରୀମାନେ ସୋମବାର ଉକ୍ତ ହାତୀକୁ ଗୁରୁତର ଅବସ୍ଥାରେ ଠାବ କରିଥିଲେ। ପରେ ଓୟୁଏଟି ଏବଂ ନନ୍ଦନକାନନର ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ସେଠାରେ ହାତୀଟିର ଚିକିତ୍ସା କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ବିଳମ୍ବିତ ରାତିରେ ହାତୀଟିର ମୃତ୍ୟୁ ଘଟିଥିଲା। ହାତୀର ଜିଭ ଛିଡ଼ି ଯିବା ସହ ମାଡ଼ି ହାଡ଼ ଫାଟି ନଷ୍ଟ ହୋଇଯାଇଥିଲା। ବାର୍‌ହା ଶିକାର ପାଇଁ ଖଞ୍ଜା ଯାଇଥିବା ବୋମା ଖାଇ ହାତୀଟି ବିସ୍ଫୋରଣର ଶିକାର ହୋଇଥିବା ଚିକିତ୍ସକ ଟିମ୍ ଅନୁମାନ କରିଥିଲେ।

# ଟି-୧୦ ଟୁର୍ଣ୍ଣାମେଣ୍ଟ: ସୁଆଙ୍ଗ ଚାମ୍ପିୟନ




ଟ୍ରଫି ସହ ଚାମ୍ପିୟନ ଦଳ।

ଖୋର୍ଦ୍ଧା,୧୪।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଦେଉଳଟାଙ୍ଗୀରେ ମା' ବଘେଇ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ଭୁବନେଶ୍ୱର ସୁଆଙ୍ଗ ଦଳ ଚାମ୍ପିୟନ ହୋଇଛି।

ବୁଧବାର ସ୍ଥାନୀୟ ଖେଳପଡିଆରେ ପଲାସପୁର ଓ ସୁଆଙ୍ଗ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ ଜିଣି ପଲାସପୁର ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୧୦୫ରନ କରିଥିଲା। ଦଳ ପକ୍ଷରୁ ରାଜେଶ ମହାରଣା ୨୮ ବଲରୁ ୩୬ରନ ସଂଗ୍ରହ କରିଥିଲେ। ଜବାବରେ ସୁଆଙ୍ଗ ଦଳ ୭ଓଭର ଖେଳି ୨ ଉଇକେଟ ହରାଇ ୧୧୬ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସୂର୍ଯ୍ୟକାନ୍ତ ବଡଜେନା ୨୩ ବଲରୁ ୭୬ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରକାଶ ସିଂ ଓ ଝଜ ସାମନ୍ତରାୟ ଅମ୍ପାୟରିଂ କରିଥିବା ବେଳେ ସ୍କୋରର ଭାବେ ଜିତେନ୍ଦ୍ର ପ୍ରଧାନ, ନିତୁ ବଳିୟାରସିଂ, ଆଦିତ୍ୟ ବଳିଆରସିଂ ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ବିଜୟ କୁମାର ଅରିସଲ, ଅଶୋକ ବାରିକ, ଅବକାଶ ବଡଜେନା, ରବିନ୍ଦ୍ର ମାର୍ଥା, ବିପିନ ମହାପାତ୍ର, ମନୋଜ ସ୍ୱାଇଁ, ସତ୍ୟରଞ୍ଜନ ଜେନା, ସୌମ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ବେଗୁନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସେମିରେ ବାଗଲପୁର



କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳର ଖେଳାଳିମାନେ।

ବେଗୁନିଆ,୧୪।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମ ପରିସରରେ ଚାଲୁଥିବା ବେଗୁନିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ବୁଧବାର ତୃତୀୟ ଦିନରେ ୨ଟି ଲିଗ ମ୍ୟାଚ ଖେଳାଯାଇଥିଲା। ସନରାଇଜ ସ୍ପୋର୍ଟସ ଆସୋସିଏଶନ ଏବଂ ବେଗୁନିଆ କ୍ରିକେଟ୍ ଆସୋସିଏଶନ ସହଭାଗିତାରେ ଆୟୋଜିତ ଟୁର୍ଣ୍ଣାମେଣ୍ଟର ପ୍ରଥମ ଲିଗ୍ ମ୍ୟାଚ୍‌ରେ ପୋଡାଡିହ କ୍ରିକେଟ କ୍ଲବ ୩୫ ରନ୍ ବ୍ୟବଧାନରେ ବିପକ୍ଷ କୋଟସିଂଗା କ୍ରିକେଟ କ୍ଲବକୁ ପରାସ୍ତ କରି କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଥିଲା। ସେହିପରି ଦ୍ୱିତୀୟ ଲିଗ ମ୍ୟାଚ୍ ବାଗଲପୁର କ୍ରିକେଟ କ୍ଲବ ଓ କଡବ(କ) କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୧ ରନ୍ ବ୍ୟବଧାନରେ ବିଜୟ ହୋଇ ବାଗଲପୁର କ୍ଲବ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଥିଲା। ପରେ ବାଗଲପୁର ଏବଂ ପୋଡାଡିହ କ୍ରିକେଟ କ୍ଲବ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ବିଜୟୀ ହୋଇ ବାଗଲପୁର କ୍ଲବ ନିର୍ଦ୍ଧାରିତ ୬ ଓଭରରେ ୬ ଉଇକେଟ୍ ହରାଇ ୬୮ ରନ୍ ସଂଗ୍ରହ କରିଥିଲା। ଜବାବରେ ପୋଡାଡିହ କ୍ଲବ ୭ ଉଇକେଟ ହରାଇ ୪୮ ରନ୍ ସଂଗ୍ରହ କରିଥିଲା। ଫଳରେ ବାଗଲପୁର କ୍ଲବ ସେମିଫାଇନାଲକୁ ଉନ୍ନୀତ ହୋଇଛି। ପ୍ରମୋଦ ମହାନ୍ତି ଏବଂ ସୋମେଶ ଚନ୍ଦ୍ର ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ବେଗୁନିଆ ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ସଦସ୍ୟ ପ୍ରଭୁ କଲ୍ୟାଣ ତ୍ରିପାଠୀ, ବଟକୃଷ୍ଣ ମହାପାତ୍ର, ସତ୍ୟଜିତ୍ ସାହୁ, ବିଶ୍ୱଜିତ୍ ବଳିୟାରସିଂ, ପିଙ୍କନ ପାତ୍ର, ବିଶ୍ୱରଞ୍ଜନ ଦାସ, ଆଦିତ୍ୟ ଦାସ ମ୍ୟାଚ୍‌ରେ ସହଯୋଗ କରିଥିଲେ। ହରିଶ ହୃଦାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।

### ରାଶନକାର୍ଡଧାରୀଙ୍କୁ ଝୋଟ ବ୍ୟାଗ୍ ବଣ୍ଟନ

ବୋଲଗଡ଼,୧୪।୨(ଦେବବ୍ରତ ହୋତା)

ସବୁଜ ଓଡ଼ିଶା ଗଠନ ପାଇଁ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ ୨ଟି ଲେଖାଏ ଝୋଟ ତିଆରି ବ୍ୟାଗ୍ ଦିଆଯାଉଛି। ପରିବେଶର ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଏହି ବ୍ୟବସ୍ଥା ହୋଇଛି ବୋଲି ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ଏହି କ୍ରମରେ ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ୧୯ଟି ପଞ୍ଚାୟତର ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ଝୋଟ ବ୍ୟାଗ ଦିଆଯାଉଛି। ପ୍ରତ୍ୟେକ ରାଶନ ସାମଗ୍ରୀ ବଣ୍ଟନ କେନ୍ଦ୍ରରେ ହିତାଧିକାରୀଙ୍କୁ ୧୦ କେଜି ଓ ୨୦ କେଜି କ୍ଷମତା ବିଶିଷ୍ଟ ଦୁଇଟି ଲେଖାଏ ବ୍ୟାଗ ବଣ୍ଟନ କରାଯାଉଛି। ଏହି ବ୍ୟାଗରେ ଶଙ୍ଖ ଚିହ୍ନ ଥିବାବେଳେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଲେଖାଯାଇଛି। ଏହାଛଡ଼ା ଓଡ଼ିଶା ସରକାରଙ୍କ ଲୋଗୋ ସହ ୫-ଟି ଲେଖା ଯାଇଛି। ରାଶନକାର୍ଡଧାରୀଙ୍କୁ ଏହି ବ୍ୟାଗ ବାଣ୍ଟିବା ସମୟରେ ସେମାନଙ୍କର ଆଇସ୍କାନ କରାଯାଉଛି। ଏହି ବ୍ୟାଗ ନେବାକୁ ପ୍ରତ୍ୟେକ ପଏଣ୍ଟରେ ଭିଡ଼ ଦେଖିବାକୁ ମିଳିଛି।

# 'ମାତାପିତାଙ୍କ ଆଶୀର୍ବାଦ ସଫଳତା ଆଣେ'

## ପ୍ରତିଶ୍ରୁତି ପକ୍ଷରୁ ମାତୃପିତୃ ପୂଜନ ଉତ୍ସବ



ମାତୃ ପିତୃ ପୂଜନ ଉତ୍ସବରେ ପିଲାମାନେ ତାଙ୍କ ମାତାପିତାଙ୍କୁ ପୂଜା କରୁଛନ୍ତି।

ଖୋର୍ଦ୍ଧା,୧୪।୨ (ପ୍ରଭାତ ପାଣିଗ୍ରାହୀ)

ବସନ୍ତ ପଞ୍ଚମୀ ଅବସରରେ ବୁଧବାର ଖୋର୍ଦ୍ଧାର ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ପ୍ରତିଶ୍ରୁତି ପକ୍ଷରୁ ଗୁରୁଜଙ୍ଗ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ପିତୃ ପୂଜନ ଉତ୍ସବ ପାଳିତ ହୋଇଯାଇଛି। ଏକାଧିକ ପରିବାର ଏଥିରେ ଯୋଗଦେଇଥିଲେ। ପିଲାମାନେ ମାତାପିତାଙ୍କ ଚରଣ ଧୋଇ ଫୁଲ, ଚନ୍ଦନ ଲଗାଇ ବନ୍ଦନା କରିଥିଲେ। ପିତାମାତାମାନେ ପିଲାଙ୍କୁ ଆଶୀର୍ବାଦ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦ ବିଭାଗ ସମ୍ପାଦକ ପିଙ୍କୁ ବିଦ୍ୟାଧର ବିଭୂରେନ୍ଦ୍ର ଯୋଗଦେଇ କହିଲେ, ପୂଜ୍ୟପୂଜା ହେଉଛି ଭାରତୀୟ ପରମ୍ପରା। ଘରୁ ବାହାରିଲେ ମାତାପିତାଙ୍କ ଆଶୀର୍ବାଦ ନେଲେ ସମସ୍ତ କାର୍ଯ୍ୟ ସଫଳ ହେବ। ସନାତନ ଧର୍ମର ମହାନ ସଂସ୍କୃତିକୁ ଛାଡ଼ି ଆମେ ପାଶ୍ଚାତ୍ୟ ସଂସ୍କୃତି ପଛରେ ମରିଚିକା ପରି ଧାଉଁଛୁ। ଫଳରେ ଆମ ପ୍ରାଚୀନ ସଂସ୍କୃତି ଧିରେ ଧିରେ ଲୋପ ପାଇବାକୁ ବସିଛି। ସଂସ୍କୃତି ଓ ପରମ୍ପରା ଗୋଟିଏ ଜାତିର ପରିଚୟ ବହନ କରିଥାଏ। ଭାରତୀୟ ପରମ୍ପରା, ସଂସ୍କୃତି ସର୍ବଦା ବସୁଧୈବ କୁଟୁମ୍ବକମର ବାର୍ତ୍ତା ଦେଇ ଆସିଛି। ଶିବାଜୀ ମହାରାଜ, ବିକ୍ରମାଦିତ୍ୟ, ମହାରଣା ପ୍ରତାପ, ସ୍ୱାମୀ ବିବେକାନନ୍ଦ, ଶ୍ରୀରାମକୃଷ୍ଣ ପରମହଂସ, ବଳରାମ ଦାସ, ଶାରଳା ଦାସ, ପଞ୍ଚସଖାଙ୍କ ପରି ମହାନ ବ୍ୟକ୍ତିତ୍ୱଙ୍କ ସଫଳତା ପଛରେ ମାତାପିତାଙ୍କ ଆଶୀର୍ବାଦ ଓ ପ୍ରେରଣା ରହିଛି।

ଶିଶୁମନ୍ଦିର ସମ୍ପାଦକ ସମରେନ୍ଦ୍ର ନାଥ ଶତପଥୀ ସମ୍ମାନିତ ବକ୍ତା ଭାବେ ଯୋଗଦେଇ କହିଲେ, ପିତାମାତାଙ୍କ ପ୍ରତି ଭକ୍ତିଭାବ ରହିଲେ ସଫଳତାରେ ପହଞ୍ଚିପାରିବ। ମାଆ ସ୍ନେହ, ଶ୍ରଦ୍ଧା, ମମତା, କରୁଣା ପ୍ରତୀକ ହେଲେ ପିତା ହେଉଛନ୍ତି ସହନଶୀଳତା, ତ୍ୟାଗ, ସଂଘର୍ଷ, ଦାୟିତ୍ୱ ଓ କର୍ତ୍ତବ୍ୟବୋଧର ପ୍ରତୀକ। ପ୍ରତିଶ୍ରୁତି ପରିବାର ବରିଷ୍ଠ ସଦସ୍ୟ ସୁମନ୍ତ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା ସହ ସ୍ୱାଗତ ଭାଷଣ ଦେଇ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷାବିତ, ବୁଦ୍ଧିଜିବୀ, ସାମାଜିକ କର୍ମୀ ପ୍ରମୁଖ ଯୋଗଦେଇଥିଲେ।

# ପରିବାରକୁ ଭେଟି ସହାୟତା ଦେଲା ଅପରେଟର ସଂଘ

## ପାହାଡ଼ରୁ ପଥର ଖସି ହିଟାଚି ଅପରେଟରଙ୍କ ମୃତ୍ୟୁ ଘଟଣା

ନିରାକାରପୁର,୧୪।୨(ମାନସ ଚନ୍ଦ୍ର ପଟ୍ଟନାୟକ)



ଚଳିତ ମାସ ୩ ତାରିଖରେ ପାହାଡ଼ରେ କାର୍ଯ୍ୟରତ ହିଟାଚି ଅପରେଟର ଜଙ୍କିଆ ଥାନା ନୂଆଗାଁ ଗ୍ରାମର ଦିଲ୍ଲୀପ ଶ୍ରୀଚନ୍ଦନ (୨୫) ପାହାଡ଼ରୁ ଖସି ହିଟାଚି ଭିତରେ ଚାପିହୋଇ ମୃତ୍ୟୁବରଣ କରିଥିଲେ। ମଙ୍ଗଳବାର ତାଙ୍କର ଏକାଦଶାହରେ ତାପଙ୍ଗ ଅପରେଟର ସଂଘର ସଭାପତି ବୁଲୁ ବିଶୋଇଙ୍କ ନେତୃତ୍ୱରେ ନୂଆଗାଁ ସ୍କୁଲ ନିକଟରୁ ଫଟୋଚିତ୍ର ସହିତ ଏକ ବ୍ୟାନର ଧରି ଦିଲ୍ଲୀପ ଅମର ରହେ ସ୍ଲୋଗାନ ଦେଇ ପଦଯାତ୍ରା ଯାଇ ମୃତକଙ୍କ ବାସଭବନରେ ପହଞ୍ଚିଥିଲା। ସଂଘ ପକ୍ଷରୁ ଦିଲୀପଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ଦିଲ୍ଲୀପଙ୍କ ଶୋକାକୁଳ ପରିବାରକୁ ସଂଘ ପକ୍ଷରୁ ବିଭିନ୍ନ ଆଶ୍ୱାସନା ଦିଆଯାଇଥିଲା। ସଂଘର କାର୍ଯ୍ୟକର୍ତ୍ତାମାନେ ତାଙ୍କ ପରିବାରକୁ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଆବଶ୍ୟକ ଅନୁସାରେ ମଧ୍ୟ ଯଥା ସମ୍ଭବ ସହଯୋଗ କରାଯିବ ବୋଲି ସଂଘ ପ୍ରତିଶ୍ରୁତି ଦେଇଛି। ଶୋଭାଯାତ୍ରାରେ ଉପସଭାପତି ସନ୍ତୋଷ ମହାରଣା, ସମ୍ପାଦକ ମନୋଜ ଭିନ୍ଦା, ସୁଶାନ୍ତ ପ୍ରଧାନ, ଲିଙ୍କନ ଦାସ, ଜିତେନ୍ଦ୍ର ସାମନ୍ତରାୟ, ସେକ୍ ଜାଭେଦ ପ୍ରମୁଖ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଂଘ କର୍ମକର୍ତ୍ତାଙ୍କୁ ପରିବାର ପକ୍ଷରୁ ଉପଢୌକାନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା।

# କୋଲୁହାପାଟଣା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସେମିଫାଇନାଲରେ କରଡ଼ାପଲ୍ଲୀ

ବେଗୁନିଆ,୧୪।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅଧୀନ କୋଲୁହାପାଟଣା ଗ୍ରାମ ଖେଳପଡ଼ିଆ ପରିସରରେ ଚାଲୁଥିବା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଲିଗ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କରଡାପଲ୍ଲୀ ନିୟୁ ୟୁଥ୍ କ୍ଲବ ଓ କାଠଖୁଣ୍ଟିଆ ଭିଏନ୍ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ କରଡାପଲ୍ଲୀ ୩-୦ ଗୋଲରେ ବିଜୟୀ ହୋଇ ସେମିକୁ ଉନ୍ନିତ ହୋଇଛି। କରଡାପଲ୍ଲୀ ଖେଳର ପ୍ରଥମାର୍ଦ୍ଧରେ ୨ଟି ଏବଂ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଗୋଲ ସ୍କୋର ବିପକ୍ଷ ଦଳ ଉପରେ ଦେଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ସଂଖ୍ୟାଲଘୁ ସମ୍ପ୍ରଦାୟର ରାଜ୍ୟ ସମ୍ପାଦକ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ, ଶିକ୍ଷକ ଦାଶରଥୀ ନାୟକ, ସ୍ଥାନୀୟ ସରପଞ୍ଚ ଅସିତ୍ ତ୍ରିପାଠୀ ଏବଂ ସାମାଜିକ କର୍ମୀ ବନ ବିହାରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ରେଫରି ଚିତ ରଞ୍ଜନ ପରିଡ଼ା ଖେଳ ପରିଚାଳନା କରିଥିଲେ। ପ୍ରକାଶ ନାୟକ ଓ ରାଘବ ନାୟକ ଲାଇନ୍‌ରେ ସହଯୋଗ କରିଥିଲେ। ଶିକ୍ଷକ ପବିଧର ପରିଡ଼ା, ଚିନ୍ତାମଣି ପରିଡ଼ା, ନିରଞ୍ଜନ ଛାଟୋଇ, ତ୍ରିନାଥ ପରଡ଼ା, ସଦସ୍ୟ ଚିନ୍ମୟ ପରିଡ଼ା, ଦୀପକ ନାୟକ ଓ ମୁନା ନାୟକ ପ୍ରମୁଖ ଟୁର୍ଣ୍ଣାମେଣ୍ଟରେ ସହଯୋଗ କରିଥିଲେ।

# ସରସ୍ୱତୀ ପୂଜା କରିବାରୁ ବଞ୍ଚିତ ହେଲେ ବିଦ୍ୟାର୍ଥୀ

ଜଟଣୀ,୧୪।୨(ରବୀନ୍ଦ୍ରନାଥ ମହାକୁଡ଼)

## ବିଦ୍ୟାଳୟକୁ ଆସି ନିରାଶରେ ଫେରିଲେ




ସ୍କୁଲ ଫାଟକରେ ତାଲା ପଡିଥିବାରୁ ପିଲାମାନେ ଫାଠକ ସମ୍ମୁଖରେ ଠିଆ ହୋଇଛନ୍ତି।

ଜଟଣୀ ପୌରାଞ୍ଚଳ ଅଧୀନ ୧୩ ନମ୍ବର ୱାର୍ଡର ବାଛରା ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ସରସ୍ୱତୀ ପୂଜା ପାଳନ କରିବାରୁ ଛାତ୍ରୀଛାତ୍ରମାନେ ବଞ୍ଚିତ ହୋଇଛନ୍ତି। ଫଳରେ ଛାତ୍ରୀଛାତ୍ର ଓ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ପିଲାମାନଙ୍କୁ ପୂଜା ପାଇଁ ସକାଳ ୯ଟାରେ ଆସିବାକୁ କୁହାଯାଇଥିଲା। ଅଭିଭାବକମାନେ ନିଜ ପିଲାଙ୍କୁ ସାଙ୍ଗରେ ଆଣି ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟ ନିକଟରେ ପହଞ୍ଚିଥିଲେ। କୁନି କୁନି ପିଲାମାନେ ପୂଜା କରିବା ପାଇଁ ଉପବାସ ରହି ବିଦ୍ୟାଳୟ ସମ୍ମୁଖରେ ଦୀର୍ଘ ୨ଘଣ୍ଟାରୁ ଅଧିକ ସମୟ ଅପେକ୍ଷା କରିରହିଥିଲେ। ହେଲେ ବିଦ୍ୟାଳୟ ଫାଟକରେ ତାଲା ଝୁଲିଥିଲା ଏବଂ ଶିକ୍ଷୟିତ୍ରୀ ଶିକ୍ଷକ କିମ୍ବା କର୍ମଚାରୀଙ୍କ ଦେଖା ନ ଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ନ ଆସିବାରୁ ଛାତ୍ରୀଛାତ୍ରମାନେ ପୂଜା ନ କରିପାରି ନିରାଶରେ ଫେରି ଯାଇଥିଲେ। ଏନେଇ କେତେଜଣ ଅଭିଭାବକ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଫୋନ କରିବାରୁ ସେ କୁଆଡ଼େ ଭଲ ବ୍ୟବହାର କରି ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପଟେ ଦୀର୍ଘସମୟ ପରେ ଜଣେ ଶିକ୍ଷୟିତ୍ରୀ ବିଦ୍ୟାଳୟକୁ ଆସିଥିବା କୁହାଯାଉଛି। ବିଦ୍ୟାଳୟ ଫାଟକ ସମ୍ମୁଖରେ ଅପେକ୍ଷା କରିଥିବା ଅଭିଭାବକମାନେ ତାଙ୍କୁ ଆଜି କେଉଁଦିନ ବୋଲି ପଚାରିବାରୁ ସେ ପରିହାସ କରି ଗଣେଶ ପୂଜା ବୋଲି କହିଥିଲେ, ଯାହା ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ସମ୍ପୃକ୍ତ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥାନୀୟ କାଉନସିଲର ରଞ୍ଜିତା ବେହେରା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

